

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

୫ ମାର୍ଚ୍ଚ ୨୦୧୭ ସଂସ୍କରଣ

ମେଲାଣି

ମୋ ବାପା

ଆଇ ବୁଢ଼ୀ

ଜାଗ ଧର୍ମପଦ

କିପରି କହିବି

ସୀମାନ୍ତେ ସଂଳାପ

ନାରୀର ପରିଚୟ

## ଆଶଙ୍କା

ବର୍ଷା, ଖାଲି ବର୍ଷା

ପରିଣତ ବୟସ

ମହେନ୍ଦ୍ରଗିରିର ମନ୍ଦିର

ନାଟ୍ୟଭାରତୀ ଅଶ୍ୱିନୀକୁମାର

## କାକଟପୁରର ମା ମଙ୍ଗଳା

ଦ୍ୱାଦଶ ବର୍ଷ, ତୃତୀୟ ସଂଖ୍ୟା, ମାର୍ଚ୍ଚ ୨୦୧୭



http://www.appsgeyser.com/4368717

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା

ପ୍ରତଷ୍ଠାତା - ସମ୍ପାଦକ

## ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ

ଏମ୍.ବ.ବ.ଏସ୍., ପି.ଜ.ଡ଼ି.ଏମ୍.ସି.ଏଚ୍., ପି.ଜ.ଡ଼ି.ଏଚ୍.ଏମ୍.

ବୀମା ନଗର, ଦ୍ୱତୀୟ ଗଳ, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଦୂରଭାଷ - ୯୦୪୦୯୮୫୪୭୩, ଇମେଲ୍ - aahwaan@gmail.com

‘ଆହ୍ୱାନ’ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକୁ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳ ଯାଏଁ କୌଣସି ସୂଚନା ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତ ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲ ଭାବରେ ପଢ଼ନ୍ତି ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରସାର ଓ ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କର ପ୍ରତିଛବି ଗଣମାଧ୍ୟମ ବା ଇଣ୍ଟରନେଟରେ ଦେଇପାରିବେ । ଏଠାରେ ଆମେ ଅନୁରୋଧ କରିବୁ ଯେ ଯେବେ ମଧ୍ୟ ଆପଣ ପତ୍ରିକାର କୌଣସି ଅଂଶ ଇଣ୍ଟରନେଟ / ଫେସବୁକ / ଟ୍ୱିଟରରେ ପ୍ରସାର କରୁଛନ୍ତି, ଦୟାକରି ଆମ ପତ୍ରିକାର ୱେବ୍‌ସାଇଟର ନାଁ (www.aahwaan.com) ଉଲ୍ଲେଖ କରିବାକୁ ଭୁଲିବେ ନାହିଁ ।

http://www.appsgeyser.com/4368717

ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ମୋବାଇଲ୍ ଆପ୍ ଡାଉନଲୋଡ଼ କରନ୍ତୁ ।

ନିମ୍ନରେ ଦିଆଯାଇଥିବା ଲିଙ୍କ ଉପରେ କ୍ଲିକ୍ କରନ୍ତୁ, କିମ୍ବା ଉପରେ ଦିଆଯାଇଥିବା କ୍ୟୁଆର୍ କୋଡ୍‌କୁ ସ୍କାନ କରନ୍ତୁ ।

ଧନ୍ୟବାଦ

**http://www.appsgeyser.com/4368717**

# ସୂଚୀପତ୍ର

ସମ୍ପାଦକଙ୍କ ଲେଖନୀରୁ ୮

ନାରୀର ପରିଚୟ ୧୪
ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ

ଜାଗ ଧର୍ମପଦ ୧୮
ପ୍ରତଭା ପ୍ରିୟଦର୍ଶିନୀ

ନିରବତା ୨୦
ମିନତୀ ପ୍ରଧାନ

ଆପଣଙ୍କ ପତ୍ର ୨୧
ସୁଶାନ୍ତ ପୁରୋହିତ

ଆଇ ବୁଢ଼ୀ ୨୨
ଇଂ ଶାରଦା ପ୍ରସାଦ ପରିଡ଼ା

ବାଞ୍ଛା ଭାଇନାଙ୍କ ପୃଥିବୀ ୨୩
ବ ପ୍ରକାଶ ଚନ୍ଦ୍ର ପାତ୍ର

ମୁଁ ଏବଂ ଟ୍ରେନ୍ ୨୫
ଦୀପକ ଷଡ଼ଙ୍ଗୀ

କପଟ କହିବ ୨୭
ନୃସିଂହ ଚରଣ ବେହେରା

http://www.appsgeyser.com/4368717


ସୀମାନ୍ତେ ସଂଳାପ ୨୮

ସନାତନ ମହାକୁଡ଼

ମେଲାଣି ୩୦

ଲକ୍ଷ୍ମଣ ମିଶ୍ର

ମୋ ବାପା ୩୨

ହିମାଂଶୁ ଶେଖର ବାରିକ

ମହେନ୍ଦ୍ରଗିରିର ମନ୍ଦିର ୩୪

ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ

ବର୍ଷା, ଖାଲି ବର୍ଷା ୩୯

ମଧୁମିତା ମହାନ୍ତି (ମିତୁ)

କାକଟପୁର ମଙ୍ଗଳା ମା ୪୧

ଅନାମ ଚରଣ ସାହୁ

ପରିଣତ ବୟସ ୪୫

ପାରମିତା ମିଶ୍ର

ନାଟ୍ୟଭାରତୀ ଅଶ୍ୱିନୀକୁମାର ୪୮

ଅଧ୍ୟାପିକା ରଞ୍ଜିତା ପାତ୍ର

ଆଶଙ୍କା ୫୫

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରାପ୍ତିସ୍ୱୀକାର ୬୫

http://www.appsgeyser.com/4368717

ଓଡ଼ିଆଗୁରୁ ଓଡ଼ିଆ ବ୍ଲଗ୍ ଆଣ୍ଡ୍ରଏଡ୍ ମୋବାଇଲ୍ ଆପ୍ ଡାଉନଲୋଡ଼ କରନ୍ତୁ ।

ନିମ୍ନରେ ଦିଆଯାଇଥିବା ଲିଙ୍କ ଉପରେ କ୍ଲିକ୍ କରନ୍ତୁ, କିମ୍ବା ଉପରେ ଦିଆଯାଇଥିବା କ୍ୟୁଆର୍ କୋଡ୍‌କୁ ସ୍କାନ କରନ୍ତୁ ।

ଧନ୍ୟବାଦ

**http://www.appsgeyser.com/4251312**

http://www.appsgeyser.com/4368717

# ସମ୍ପାଦକଙ୍କ ଲେଖନୀରୁ



ଆହ୍ୱାନ ଇ-ପତ୍ରିକାର ମାର୍ଚ୍ଚ ମାସର ସଂସ୍କରଣ ନେଇ ମୁଁ ପୁଣି ଉପସ୍ଥିତ ହୋଇଛି ଆମ ଭାଷା ଓ ସାହିତ୍ୟର କିଛି ଭବିଷ୍ୟତ ରଥିଙ୍କ କୃତିକୁ ଆପଣମାନଙ୍କୁ ଉପହାର ଦେବାପାଇଁ । ମାସ ପରେ ମାସ ଏହି ପତ୍ରିକାର ପ୍ରକାଶନରେ ଯେଉଁମାନେ ମୋତେ ସାହାଯ୍ୟ କରି ଆସୁଛନ୍ତି ବା କରିବାକୁ ଚାହୁଁଛନ୍ତି ସେମାନେ ସମସ୍ତେ ଯେ ଆମ ଭାଷା ସାହିତ୍ୟର ଭବିଷ୍ୟ ଏଥିରେ ଦ୍ୱିମତ ନାହିଁ । ପୁସ୍ତକ ବା ପତ୍ରପତ୍ରିକା ପଢ଼ିବାର ସମୟ ଓ ସାମର୍ଥ୍ୟକୁ ଆଖି ଆଗରେ ରଖି ଏବଂ ଚଳିତ ଯୁଗରେ ଇଣ୍ଟରନେଟର ବହୁଳ ବ୍ୟବହାରକୁ ଦେଖି ସାହିତ୍ୟକୁ ଲୋକାଭିମୁଖୀ କରିବା ଆମର ମୁଖ୍ୟ ଲକ୍ଷ୍ୟ । ବଜାରକୁ ଯାଇ ପତ୍ରିକାଟିଏ କିଣି ଆଣିବା କିଛି ବଡ଼ କଥା ନୁହେଁ, କିନ୍ତୁ ସବୁବେଳେ ହାତରେ ମୋବାଇଲ୍ ଧରି ଏବଂ ସେହି ମୋବାଇଲରେ ସବୁ ପ୍ରକାରର କାମ କରିପାରୁଥିବା ଏହି ଯୁଗର ଯୁବପୀଢ଼ିକୁ ସାହିତ୍ୟପ୍ରତି ଅନୁରାଗ ସୃଷ୍ଟି କରିବାକୁ ହେଲେ ସେମାନଙ୍କୁ ସାହିତ୍ୟକୁ ମୋବାଇଲରେ ହିଁ ପରିଷିବାକୁ ପଡ଼ିବ । ଏହି ତଥ୍ୟକୁ ହୃଦୟଙ୍ଗମ କରି ଆହ୍ୱାନ ଇ-ପତ୍ରିକାର ଏକ ମୋବାଇଲ୍ ଆପ୍ ସଂସ୍କରଣ ବିଗତ ମାସରେ ପ୍ରକାଶିତ ହୋଇଛି । ଆପଣ ଯଦି ଆଣ୍ଡ୍ରଏଡ୍ ମୋବାଇଲ୍ ବ୍ୟବହାର କରୁଥାନ୍ତି, ତେବେ ଆପଣ ଆମର ଏହି ଆପକୁ ଡାଉନଲୋଡ୍ କରି ନିଜ ମୋବାଇଲରେ ସ୍ଥାପିତ କରିପାରିବେ । ଏବଂ ଆପଣଙ୍କ ସମୟ ଏବଂ ସୁଯୋଗକୁ ଆଖି ଆଗରେ ରଖି ଆହ୍ୱାନ ଇ-ପତ୍ରିକାର ପ୍ରାରମ୍ଭରୁ ଚଳିତ ପର୍ଯ୍ୟନ୍ତ ସମସ୍ତ ସଂସ୍କରଣକୁ ଡାଉନଲୋଡ୍ କରି ପଢ଼ି ପାରିବେ । ଆମେ ଆଶା କରୁଛୁ ଏହାଦ୍ୱାରା ଅଧିକରୁ ଅଧିକ ପାଠକ ପାଠିକା ସୃଷ୍ଟି ହୋଇପାରିବେ । ବିନା କୌଣସି ଶୁଳ୍କରେ ଯଦି ଆପଣ ଏହି ସବୁ ସୁବିଧା ପାଇପାରିବେ ତା ହେଲେ ଆପଣ ମଧ୍ୟ ଏହି ପତ୍ରିକାକୁ ବାରମ୍ବାର ପଢ଼ିବାକୁ ଇଚ୍ଛା

http://www.appsgeyser.com/4368717

ପ୍ରକାଶ କରିବେ ।

ଇଣ୍ଟରନେଟ୍ ଏକ ଏମିତି ଦୁନିଆ ଯେଉଁଠି ତଥ୍ୟ ବିନା ପରିଶ୍ରମରେ ମିଳିପାରେ । ଆହ୍ୱାନ ଇ-ପତ୍ରିକାର ପ୍ରକାଶନରେ ଏହି ଇଣ୍ଟରନେଟର ହାତ ଅଧିକ । ଆଜି ଏହି ପତ୍ରିକା ଯେଉଁ ସ୍ଥାନରେ ପହଞ୍ଚିଛି ବା ଏହା ଯେଉଁ ସବୁ ବୈଷୟିକ ପ୍ରଗତି କରିଛି ତା ପଛରେ ଇଣ୍ଟରନେଟର ଅବଦାନ ବହୁତ୍ ଅଛି । ଆମେ ମଧ୍ୟ ବାରମ୍ବାର ଇଣ୍ଟରନେଟରେ ଖୋଜିଥାଉ ନୂଆ କିଛି ପାଇଲେ ସମସ୍ତଙ୍କୁ ଶୁଣାଇବା ପାଇଁ, ଏହି କିଛିଦିନ ତଳେ ଇଣ୍ଟରନେଟରେ ଏକ ଲେଖା ପଢ଼ିବାର ସୁଯୋଗ ପାଇଲି । ଫେସବୁକରେ ଅନେକ ଗ୍ରୁପ୍ ରହିଛି ସେଇମିତି ଗୋଟିଏ ଗ୍ରୁପରେ ଓଡ଼ିଆ ସାହିତ୍ୟ ବାବଦରେ ହେଉଥିବା ଏକ ଚର୍ଚ୍ଚାର ଅଂଶ ଗ୍ରହଣ କରିବାପରେ ଜାଣିବାକୁ ପାଇଲି ପ୍ରକୃତରେ ଓଡ଼ିଆ ଭାଷା ଓ ସାହିତ୍ୟପାଇଁ କେତେ ଆଗ୍ରହର ସହିତ ଅନେକ ବ୍ୟକ୍ତି ସଂଘର୍ଷରତ ଅଛନ୍ତି । ଅବଶ୍ୟ ସେମାନଙ୍କ ସଂଖ୍ୟା ନଗଣ୍ୟ, କିନ୍ତୁ ପ୍ରଚେଷ୍ଟା ଗ୍ରୁଲୁଥାଉ ଏହା ଆମେ ସବୁବେଳେ କାମନା କରିବା । ଅଧିକରୁ ଅଧିକ ଲୋକ ଏହି ଆନ୍ଦୋଳନରେ ସାମିଲ ହେଲେ ହୁଏତ ଆଗାମୀ ଦିନରେ ଆମେ ଓଡ଼ିଆରେ ଇଣ୍ଟରନେଟ୍ ବ୍ୟବହାର କରିବା ପ୍ରକ୍ରିୟାର ସରଳିକରଣରେ ଅଂଶୀଦାର ହୋଇପାରିବା । ବିଶ୍ୱର ଅନେକ ଭାଷାରେ ବର୍ତ୍ତମାନ ଇଣ୍ଟରନେଟ୍ କାମ କରୁଥିବା ବେଳେ ଓଡ଼ିଆ ଭାଷାକୁ ନେଇ ନିରୁତ୍ସାହିତ ହେବାକୁ ପଡୁଛି । ଏହାର ଏକ ମୁଖ୍ୟ କାରଣ ହେଲା ଆମ ନିଜ ଅବହେଳା । ପ୍ରତ୍ୟେକ ୱେବ୍ସାଇଟ୍ ଓଡ଼ିଆରେ ଅନୁବାଦିତ ହୋଇପାରନ୍ତା, ଯଦି ଆମେ ସେଥିରେ ଅଂଶ ଗ୍ରହଣ କରିଥାନ୍ତେ । କିନ୍ତୁ ଆମେ ଅନୁବାଦ କରିବା ପାଇଁ ସମୟ ଓ ଜ୍ଞାନ ଅଭାବର ଦୋହାଇ ଦେଇ ସେଇ କାମ ଅନ୍ୟପାଇଁ ଛାଡ଼ିଦେଇଛେ । ତେଣୁ କେହି ତାହା କରୁନାହାନ୍ତି । ପ୍ରତ୍ୟେକ ଇଂରେଜୀ ଶବ୍ଦର ଗୋଟିଏ ଓଡ଼ିଆ ଅର୍ଥ ଥାଏ, ତାହା ଆମେ ହିଁ ଇଣ୍ଟରନେଟକୁ ଜଣାଇବାକୁ ପଡ଼ିବ । ଯେତେବେଳେ ଗୁଗୁଲ୍ ଭଳି ସଂସ୍ଥା ଉପଲବ୍ଧି କରିବେ ଯେ ଆମ ଭାଷାରେ ପ୍ରାୟ ସମସ୍ତ ଶବ୍ଦର ଅନୁବାଦ ସେମାନଙ୍କ ପାଖରେ ଅଛି, ସେତେବେଳେ ସେମାନେ ଆମ ଭାଷାରେ ମଧ୍ୟ ତାଙ୍କ ୱେବ୍

http://www.appsgeyser.com/4368717

ପୋର୍ଟାଲକୁ କାର୍ଯ୍ୟକ୍ଷମ କରାଇବେ ।

ଆମେ ଯଦି ପ୍ରତ୍ୟେକେ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ହେତୁ କିଛି କିଛି କାମ କରିବା ନିଶ୍ଚୟ ଭାବରେ ଆମ ଭାଷା ଉଚ୍ଚତର ସ୍ତରକୁ ଯାଇପାରିବ ଏବଂ ଅବକ୍ଷୟମୁଖୀ ହେଉଥିବା ଆମ ଭାଷା ବଞ୍ଚିରହିପାରିବ । ନହେଲେ ହିନ୍ଦୀ ଆଉ ଇଂରେଜୀ ଭାଷାର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବ ଆଗରେ ଓଡ଼ିଆ କେଉଁଠି ଲୁଚିଯିବ ଜାଣି ହେବନି । ଆହ୍ୱାନ ଇ-ପତ୍ରିକା ଏବଂ ଆହ୍ୱାନ ଇ-ଓଡ଼ିଆ ପରିବାର ମୂଳମନ୍ତ୍ର, "ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା" ।

ବିଗତ ଦିନରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ସମାପ୍ତ ହୋଇଛି, କାଁ ଭାଁ ଅହିଂସା ସହିତ ଏହା ସମାପନ ହୋଇଛି, ରାଜ୍ୟର ଅର୍ଦ୍ଧାଧିକ ଜନତା କିନ୍ତୁ ଭାରତୀୟ ଜନତା ପାର୍ଟିକୁ ଭୋଟ୍ ଦେଇଛନ୍ତି । ଏହା ଏକ ନୂତନ କଥା । ସାରା ଦେଶରେ ମୋଦି ମୋଦି ଲହରି ଚାଲିଥିବା ବେଳେ ଓଡ଼ିଆ ବା ସେଥିରୁ ଅଲଗା କେମିତି ରହନ୍ତା । ଆଶ୍ଚର୍ଯ୍ୟର କଥା ହେଉଛି ରାଜ୍ୟର ଅନୁନ୍ନତ ପଶ୍ଚିମ ଓଡ଼ିଶା ଅଞ୍ଚଳରେ ବିଜେପିକୁ ଜନମତ ମିଳିଛି । ଅର୍ଥାତ ଟଙ୍କାକିଆ ଚାଉଳ ଆଉ ଅନ୍ୟାନ୍ୟ ସରକାରୀ ଅନୁଦାନକୁ ଏହି ଅଞ୍ଚଳର ଗରୀବ ଲୋକମାନେ ଅଗ୍ରାହ୍ୟ କରିଦେଇଛନ୍ତି । ଉତ୍ତର ଭାରତର ଅନେକ ରାଜ୍ୟରେ ବିଧାନସଭା ନିର୍ବାଚନ ସଦ୍ୟ ସମାପ୍ତ ହୋଇ ବିଭିନ୍ନ ଗଣମାଧ୍ୟମ ଦ୍ୱାରା ଏକ୍‌ଜିଟ୍ ପୋଲ୍ ଫଳାଫଳକୁ ନେଇ ଚର୍ଚ୍ଚା ଜୋର ଧରିଲାଣି । ଏ ସବୁ ଦେଖିଲେ ଲାଗୁଛି ସତେ ଯେମିତି ଭାରତରେ ରାଜନୀତି ହେଉଛି ସବୁଠାରୁ ସଫଳ ବ୍ୟବସାୟ ।

ଅଧିକାଂଶ ଲୋକଙ୍କ ମନରେ ଏହି କଥା ଘର କରିଛି ଯେ ଭାରତୀୟ ଜନତା ପାର୍ଟି ଏକ ଏମିତିକା ଦଳ ଯାହାର କୌଣସି ନୀତିନିୟମ ନାହିଁ, ସେମାନେ କେବଳ ହିନ୍ଦୁ ଓ ହିନ୍ଦୁତ୍ୱକୁ ଦ୍ୱାହି ଦେଇ ରାଜନୀତିରେ ବଞ୍ଚି ରହିଛନ୍ତି ତେଣୁ ସେମାନଙ୍କୁ କେବେ ବି ଶାସନ ପାଇଁ ବହୁମତ ମିଳିନଥିଲା, ହେଲେ ମୋଦି ଆସିବା ପରେ ଅନେକ କିଛି ପରିବର୍ତ୍ତନ ହୋଇଛି । ଏବେ ଏମିତି ଲାଗୁଛି ସତେ ଯେମିତି ସମସ୍ତ

ରାଜନୈତିକ ଦଳ ମୋଦି ବିରୋଧୀ କୌଣସି ଅଭିଯାନ ଚଳାଇଛନ୍ତି ତେଣୁ ସେମାନେ ବିଜେପିକୁ ଶାସନରୁ ଦୂରରେ ରଖିବା ପାଇଁ ନିଜର ଦଳୀୟ ନୀତିନିୟମକୁ ଜଳାଞ୍ଜଳି ଦେଇ ଶତ୍ରୁପକ୍ଷ ଦଳ ମାନଙ୍କ ସହ ଗୋଷ୍ଠୀ କରିବାକୁ ମସୁଧା କରୁଛନ୍ତି । ଏଥିରୁ ଜଣାପଡୁଛି ସେମାନେ ଦେଶ ସେବା କମ୍ ଆଉ ବ୍ୟବସାୟ ଅଧିକ କରିବାକୁ ଆଗ୍ରହୀ ହେଉଛନ୍ତି । ଲୋକମାନଙ୍କୁ ମାଗଣାରେ ଦ୍ରବ୍ୟ ଆଉ ସେବା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ସେମାନେ ଶାସନ ଭାର ନିଜ ହାତରେ ରଖିବାକୁ ଚାହୁଁଛନ୍ତି । ଆଉ କେତେଦିନ ଏମାନେ ଏମିତି ଆମ ଜନତାଙ୍କୁ ଠକି ଚାଲିଥିବେ କେଜାଣି । ଯେଉଁମାନେ ନିଜ ଅର୍ଜିତ ଧନରୁ ଆୟକର ଦେଉଛନ୍ତି ସେମାନଙ୍କୁ କୌଣସି ପ୍ରକାର ଫାଇଦା ମିଳୁନଥିବା ବେଳେ ଭୋଟ ପାଇଁ ଲୋକଙ୍କୁ ମାଗଣାରେ ସାଇକେଲ୍, ଲ୍ୟାପଟପ୍, ବହି ବ୍ୟାଗ, ପୋଷାକ, ମୋବାଇଲ୍, ଘର, ବିଦ୍ୟୁତ, ଭତ୍ତା ଆଦି ଅନେକ କିଛି ଦେଇ ଦେଇ ଦେଶ ଦେବାଳିଆ ଅବସ୍ଥାରେ ପହଞ୍ଚି ଗଲାଣି । ମାଗଣାରେ ମିଳୁଥିବା ଅନୁଦାନକୁ ଦେଶର ଏକ ବଡ଼ ବର୍ଗର ଲୋକମାନେ ନିଜର ଅଧିକାର ବୋଲି ଧରିନେଲେଣି । ଅବସ୍ଥା ଏମିତି ହେଲାଣି, ଯେ ଏବେ କୌଣସି ରାଜନୈତିକ ଦଳ ଚାହିଁଲେ ସୁଦ୍ଧା ଏହି ସବୁ ବ୍ୟବସ୍ଥାକୁ ବନ୍ଦ କରିପାରିବ ନାହିଁ । ଯେଉଁଠି କର ଦେବାପରେ ମଧ୍ୟ ଉଚିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ମିଳିବ ନାହିଁ, ସେଇଠି କିଏ ବା କାହିଁକି ସରକାରଙ୍କୁ କର ଦେବ । ସେହି ଧନକୁ ନିଜେ ଅନ୍ୟ ସ୍ଥାନରେ ଖଟାଇ ଅଧିକ ସୁଧ ପାଇବାକୁ ଚେଷ୍ଟା କରିବନାହିଁ କାହିଁକି, ଏହା ଦ୍ୱାରା ପେନସନ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ଖର୍ଚ୍ଚ ଆଉ ଅନ୍ୟାନ୍ୟ ସବୁ ବ୍ୟବସ୍ଥା ନିଜେ କରିବାକୁ ବାଧ୍ୟ ହେବ ହିଁ ହେବ ।

ଦେଶରେ ଅଶାନ୍ତିର ବାତାବରଣକୁ ଉଷ୍ମ କରି ରଖିବାପାଇଁ ଏକ ବିଧିବଦ୍ଧ ଯୋଜନା କାର୍ଯ୍ୟକାରୀ ହେଉଛି । କେଉଁଠି ନା କେଉଁଠି ଏହା ପଛରେ ବିଦେଶୀ ଶକ୍ତିମାନଙ୍କର ପ୍ରଚ୍ଛନ୍ନ ସହଯୋଗ ଥିବା ଭଳି ମନେ ହେଉଛି । ପୁଣି ଥରେ ଦେଶରେ ଅସହିଷ୍ଣୁତାର ମନ୍ତ୍ର ଗାଇବାପାଇଁ ଉଦଭ୍ରଷ୍ଟ ଯୁବକଗୋଷ୍ଠୀ ଆଗେଇ ଆସିଛନ୍ତି । ପୁଣି ଥରେ ଜୱାହାରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ ଭିତରେ

http://www.appsgeyser.com/4368717

କାଶ୍ମୀରର ସ୍ୱାଧୀନତା ସମ୍ବନ୍ଧିତ ପୋଷ୍ଟର ଲାଗିଛି । ଦେଶର କୋଟି କୋଟି ଲୋକଙ୍କ ଆସ୍ଥା ଓ ବିଶ୍ୱାସର ଏହି ଶିକ୍ଷା ମନ୍ଦିର ଯେ ଦେଶ ବିରୋଧୀ କାର୍ଯ୍ୟରେ ଏମିତି ସାହାଯ୍ୟ କରିବ ଶୁଣିଲେ ମନକୁ ବହୁତ ଖରାପ ଲାଗୁଛି । ଆମର ଆୟକର ବା ଅନ୍ୟାନ୍ୟ କରରେ ଦିଆଯାଇଥିବା ଧନରେ ଏହି ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ନିଃଶୁଳ୍କ ଯୋଗାଇ ଦିଆଯାଇଥାଏ । ବର୍ତ୍ତମାନ ଇଣ୍ଟରନେଟରେ କିଛି ବ୍ୟକ୍ତି ନିଜର ଦେଉଥିବା କରକୁ ଜେ ଏନ୍ ୟୁ ଭଳି ସଂସ୍ଥାକୁ ନ ଦେବାପାଇଁ ଅନଲାଇନ୍ ପିଟିସନ ଦେଇଛନ୍ତି । ଆମେ ମଧ୍ୟ ସେମାନଙ୍କ ସହ ସାମିଲ୍ ହେଉଛୁ । ଯେଉଁଠି ଦେଶ ବିରୋଧୀ ସ୍ଲୋଗାନ୍ ଦିଆଯାଉଛି ସେଇଠି ଆମର କଷ୍ଟ ଅର୍ଜିତ ଧନକୁ ଖର୍ଚ୍ଚ କରାନଯାଉ । ଏହି ପରି କର୍ମରେ ଲିପ୍ତ ଗୋଷ୍ଠୀଙ୍କୁ ଦେଶଦ୍ରୋହୀର ଆଖ୍ୟା ଦିଆଯାଇ ଦୃଷ୍ଟାନ୍ତମୂଳକ ଦଣ୍ଡାଦେଶ ଦିଆଯାଉ ।

ବିଦେଶରେ ଭାରତୀୟ ଇଞ୍ଜିନିୟର୍ ମାନଙ୍କର ଗୁରୁତ୍ୱ କାହିଁରେ କଣ । ଖୋଦ୍ ଆମେରିକାରେ ଅନ୍ୟୂନ ତିନିଲକ୍ଷ ଇଞ୍ଜିନିୟର୍ ଭାରତୀୟ ଏବଂ ସେମାନେ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀରେ କାମ କରୁଛନ୍ତି । କିନ୍ତୁ ନିକଟ ଅତୀତରେ ଆମେରିକାର ଟ୍ରମ୍ପ ସରକାରଙ୍କ ଅନେକ ନୀତି ଫଳରେ ବିଦେଶରେ ରହି କାମ କରୁଥିବା ଭାରତୀୟ ମାନଙ୍କୁ ପୁଣି ଥରେ ଭାରତ ଫେରି ଆସିବାକୁ ପଡ଼ିବ ବୋଲି ପୂର୍ବାନୁମାନ ହେଲାଣି । ହେଲେ ଟ୍ରମ୍ପଙ୍କ ଘୋଷଣା ପରେ ଆମେରିକାରେ ବର୍ଣ୍ଣବୈଷମ୍ୟ ହିଂସାକାଣ୍ଡ ଘଟିବାକୁ ଆରମ୍ଭ ହେଲାଣି ଏବଂ ବିଗତ ସପ୍ତାହରେ ତିନିଜଣ ଭାରତୀୟଙ୍କୁ ଆକ୍ରମଣ କରାଯାଇଥିଲା ବେଳେ ସେଥିରୁ ଦୁଇଜଣ ଘଟଣା ସ୍ଥଳରେ ପ୍ରାଣ ହରାଇଥିଲେ । ଏହା ପରେ ଆମେରିକାରେ ରହୁଥିବା ଅନେକ ଭାରତୀୟ ବର୍ତ୍ତମାନ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା କଥା ଚିନ୍ତା କରିଲେଣି । ଏହା ଫଳରେ ବିଦେଶରେ ରହି ଡଲାରରେ ଆୟ କରୁଥିବା ଏକ ବଡ଼ ବର୍ଗ ବର୍ତ୍ତମାନ ନିଜର ଚାକିରୀ ହରାଇବା ସ୍ଥିତିରେ ପହଞ୍ଚିଯିବ । ଏହା ଫଳରେ ଭାରତର ସଫ୍ଟୱେର୍ କ୍ଷେତ୍ରରେ ମାନ୍ଦାବସ୍ଥା ଆସିବ ବୋଲି କେହି କେହି କହିଲେଣି ।

ବିଗତ ଦିନରେ ଉତ୍ତରପ୍ରଦେଶର ଲକ୍ଷ୍ନୌ ସହରରେ ଏକ ସନ୍ଦିଗ୍ଧ ଆତଙ୍କବାଦୀକୁ ସୁରକ୍ଷାବଳ ଗୋଳିଗୋଳା ବିନିମୟରେ ମାରିଦେଇଥିଲେ । ସୈଫୁଲ୍ଲା ନାମକ ଏହି ଯୁବକ ଇଣ୍ଟରନେଟରୁ ବୋମା ନିର୍ମାଣ କଳା ଶିଖିବା ପରେ ଏହାକୁ ବ୍ୟବହାର କରି ବିଭିନ୍ନ ଟ୍ରେନରେ ବୋମା ବିସ୍ଫୋରଣ କରାଇବା ପାଇଁ ଯୋଜନା କରୁଥିବା ବେଳେ ସୁରକ୍ଷା ଏଜେନ୍ସି ମାନଙ୍କ ଦ୍ୱାରା ଧରାପଡ଼ିଥିଲା । ଏଥିରୁ କିନ୍ତୁ ଗୋଟିଏ କଥା ସ୍ପଷ୍ଟ ହୋଇଥିଲା ଯେ ଦେଶ ବିରୋଧୀ ଗୋଷ୍ଠୀମାନେ ଆମ ଦେଶର ସାଧାରଣ ସହର ମାନଙ୍କରେ ମଧ୍ୟ ବୃଦ୍ଧିପାଇବାକୁ ଲାଗିଲେଣି । ଭାରତରେ ଅସ୍ଥିରତା ସୃଷ୍ଟି କରିବା ଲକ୍ଷ୍ୟନେଇ ଅନେକ ଦେଶ କାମ କରୁଛନ୍ତି ତେଣୁ ଏହିପ୍ରକାରର ଶକ୍ତିର ମୁକାବିଲା କରିବାପାଇଁ ଆମକୁ ଐକତା ଓ ଦୃଢ଼ ଅନୁଶାସନ ତଥା ସୁରକ୍ଷା କାର୍ଯ୍ୟକ୍ରମ ହାତକୁ ନେବାକୁ ପଡ଼ିବ । ସିରିଆ ଏବଂ ଇରାନରେ ଆଇଏସ୍ ଆଇଏସର ଆଧିପତ୍ୟ ଦିନକୁ ଦିନ କମ ହେବାକୁ ଲାଗିଥିଲା ବେଳେ ଏହାର କିଛି ଶାଖା ସୁଦୂର ଚୀନ ଓ ଭାରତ ଭଳି ଶାନ୍ତି ପ୍ରିୟ ଦେଶମାନଙ୍କରେ ହିଂସାକାଣ୍ଡ ଘଟାଇବାକୁ ମସୁଧା କରୁଥିବା ନିଶ୍ଚୟ ଭାବରେ ଚିନ୍ତାର କାରଣ ହୋଇଛି ।

ଚଳିତ ମାସର ଆହ୍ୱାନର ଏହି ସଂସ୍କରଣକୁ ଆପଣମାନେ ପସନ୍ଦ କରିବେ ବୋଲି ଆଶା କରୁଛି ।


ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା - ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

http://www.appsgeyser.com/4368717

# ନାରୀର ପରଚୟ



ଡା ସନ୍ଧ୍ୟାରଣୀ ପାଣିଗ୍ରାହୀ

ସୁରଭ ସୁନ୍ଦର ସୃଷ୍ଟିରେ ରଚନାର ଏକ

ପ୍ରମୁଖ ମୁଁ ଚତ୍ରଶିଳ୍ପୀର ଚତ୍ରଶିଳା ଏକକ

ମୋର ଜଠରୁ ଜାତ ଏ ଜୀବନ ଜ୍ୟୋତ

ମୋ’ଠାରେ ପର୍ ନର୍ବାଣ ।

ଯୁଗେ ଯୁଗେ ମୁଁ ହିଁ ମୁଁ

ଦେବତା କ ନର କବା ପ୍ରେମର ସେ କନ୍ନର

ମୋର ଠାରୁ ରକ୍ତ ନେଇ

ମନ ଓ ଆତ୍ମାର ଦୁଇ ଭଗରେ

ମୋର ଏ ଅଜବ ସଂସାର ଭତରେ

ମୁଁ ଥିବା ଯାଏ ଏ ଥିବ

ମୁଁ ଗ୍ଲଗଲେ ଆଉ ନ ରହବ

ମୋତେ ଦଅ ଜନ୍ମ ବାରବାର

ଏ ନାରୀର ଶରୀର

ଏ ପୂର୍ଣ୍ଣତା ପୂର୍ଣ୍ଣଗଭ ପୂଜନୀୟ ପୂର୍ଣ୍ଣିମା ର

ଆରମ୍ଭ ଓ ଶେଷ ଯୁଗ ଯୁଗର

ମୋ ପାଇଁ ଉଦ୍ଦିଷ୍ଟ ଓ ମୋର ପରିଚୟର

କେବେ ମୁଁ ପୁଅ ଓ ସ୍ୱାମୀ ପାଇଁ ଶ୍ମଶାନରେ

ପିତୃସତ୍ୟ ରକ୍ଷାରେ ରାଜରାଣୀ ବନସ୍ତରେ

ଲକ୍ଷ୍ମଣର ଔଦ୍ଧତ୍ୟର ବଳି ରାବଣ ହରଣରେ

ରାଜଦରବାରେ ବସ୍ତ୍ର ହରଣ ବେଳରେ

ସଭାରେ ଲଜ୍ଜିତ ଗୁରୁଜନ ଗହଣରେ

ମହାଭାରତ ଯୁଦ୍ଧର ଏକାକୀ ନାୟିକା ମୁଁ

ଖୋଜନାହିଁ ମୋ ପରାସ୍ତର ଶ୍ରେୟ କାହାର

ଯାଜ୍ଞସେନୀ ସତୀ ହୋଇଛି ଭୂପତିତା

ପାଞ୍ଚପତି ବରିଛନ୍ତି ମା ଆଦେଶର ସତ୍ୟତା

ଆଜନ୍ମା ମୁଁ ପଣ୍ୟ ରୂପେ ଗ୍ରହୀତା ବିକ୍ରେତା

ସତୀ ତୁଳସୀ ବିବସନା ଜନ୍ମରୁ ଅଭିଶପ୍ତା

ଶରୀର ମୋର ମୋ'ଠାରୁ ବି ମୂଲ୍ୟବାନ

କେହି ବୁଝିନାହିଁ ହୃଦୟ ମନର ଅଭିମାନ

କେତେଥର ବିକାକିଣାର ଦୁନିଆରେ

ମୋର ବି ମୂଲଚାଲ ହୋଇଛି

ମୁଁ ଅମ୍ବିକା ଅମ୍ବା ରୂପେ ଶ୍ରୀଖଣ୍ଡି ସାଜିଛି

ପ୍ରେମରେ ବାରମ୍ବାର ପରତ୍ୟକ୍ତ ବ ମୁଁ

ଦେବତା ଙ୍କ ଗନ୍ଧର୍ବ ସେ ଯୁଗଯୁଗରୁ ମୁଁ

ଇଚ୍ଛା ନ ଥାଇ ମଧ ଦେହକୁ ବକଛ

ସମର୍ପଣ ପାଇଁ ଦୁନଆରେ ଅବତରଛ

ଅନ୍ତର୍ନିହତ ଫଲଗୁଧାରରେ ମୁଁ ସଲଳ ସମାଧି ସଜେଇଛ

ପ୍ରେମରେ ବହ ମୁଁ ଅଗ୍ନି କୁ ଶୀତଳ କରଛ

ନନ୍ଦାଅପବାଦ ମସ୍ତକରେ ମୁକୁଟ ସାଜଛ

ନରର ସବୁ କଥା ଗୀତକଥା ବ୍ୟଥା ପ୍ରେମରେ ଭରଛ

କେବେ ମାଗିନାହିଁ ମୋର ପ୍ରାପ୍ତି

କବା କଳନାହିଁ ମୋର ଯୋଗଦାନ

ଭରଛ ଇନ୍ଦ୍ରଧନୁର ରଙ୍ଗ

ନଥାଉ ବା ବର୍ଷାର କରଣ

ବେଦନାରେ ଛଟପଟ ଲଭଛ ମାତୃତ୍ୱ

ବରଛ ଯେ ଅପବାଦ ନନ୍ଦା ଶତ ଶତତ

ଏ ସୁନ୍ଦର ସୃଷ୍ଟିର ରଚନାର ପାଇଁ

ଆସୁଥିବ ଯୁଗେ ଯୁଗେ ନାରୀରୂପ ନେଇଁ

ତଥାପି ଗୃହିଁବ ପ୍ରେମରେ ପ୍ରେମିକାରୂପରେ

http://www.appsgeyser.com/4368717

ନିର୍ବାଣ ମୋ କାମନା ଏ ଜୀବନେ ପ୍ରେମର

ବରୁଥିବେ ମୋ ରୂପକୁ ଦେବତା ନର ଗନ୍ଧର୍ବ କିନ୍ନର

ଜନମିବେ ଜଠରୁ ମୋ ଯୁଗେ ଯୁଗେ ମହାପୁରୁଷ ପ୍ରବର

ଧନ୍ୟ ମୋ ଶରୀର ଧନ୍ୟ ମୋ ହୃଦୟର ସ୍ପନ୍ଦନ

ପ୍ରେମରେ ଗଢା ପ୍ରେମରେ ଯାଉ ଏ ଜୀବନ ।

ବରିଷ୍ଠା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞା

ବ୍ରହ୍ମପୁର, ଓଡ଼ିଶା

# ଜାଗ ଧର୍ମପଦ



ପ୍ରତଭା ପ୍ରିୟଦର୍ଶିନୀ

ହେ ମୋର ପ୍ରିୟ ଉତ୍କଳ ସନ୍ତାନ
ନଦେ କ ଶୋଇବ ଆଉ କେତେ ଦନ ?
ଆପଣା ବୈଭବ, ଆପଣା ଗୌରବ, ଆପଣାର ଇତହାସ
ଭୁଲଯାଇ ତୁମେ ଲଭାଇ ଦେଇଛ
ଜନନୀ ମୁଖରୁ ପରପୂର୍ଣ୍ଣତାର ସ୍ମିତହସ ।

ପ୍ରାଚୀ ଗଜରଣୀ ଆମ ଜନ୍ମଭୂମି
ଆଜ ଦାରଦ୍ର୍ୟ ଶୃଙ୍ଖଳେ ଛନ୍ଦା
କର୍ମଠ ସନ୍ତାନ ଭୁଲେ ପରକ୍ରମ
ମାଗଣା ଲୋଭରେ ହାତଗୋଡ଼ ଯା'ର ବନ୍ଧା ।

ଛପନ ଭୋଗିଆ ଏ ଜାତ ଠାକୁର
ସେବକ ଦାଉରୁ ଉପାସରେ ଏବେ ରୁହେ
ଯା' ଆଶ୍ରିତେ ଜାତ ସୁରକ୍ଷିତ ମଣେ
ତା' ବ୍ରହ୍ମ ସ୍ଥାପନେ କେତେ ଯେ ବଭ୍ରାଟ ହୁଏ ।

ସାଧବ ପୁଅର ଧନାଢ଼୍ୟ ଜନନୀ
ଏବେ ଲୁଣ୍ଠିତ ହୁଏ ତା' ମାନ
କର୍ମ ଅବଳରେ ଏ ମାଟି ସନ୍ତାନ
ଯେବେ ପ୍ରବାସେ ଖଟେ ଦାଦନ ।

ଉତ୍କୃଷ୍ଟ କଳାର ଉର୍ବର ଏ ମାଟି
ଆଜ କେତେ ହତଶିରୀ ହୁଏ

http://www.appsgeyser.com/4368717

ହସ୍ତଶିଳ୍ପ ଆଉ କଳା କାରଗରୀ
ଅଣହେଳା ଯୋଗୁଁ ଲୋପପାଏ ।

ରତ୍ନଗର୍ଭା ଆମ ଗଇଜର ଭୂମି
ତଥାପି ଧରେ ସେ ଭିକ୍ଷୁକାର ଥାଳ
ଅପାରଗ ଏଇ ସନ୍ତାନ କୁକୃତ୍ୟ
କ୍ଷମା କରବନ ଇତହାସ କାଳ କାଳ ।

ଉଠରେ ଓଡ଼ିଆ ଭର ନୂଆ ତେଜ
ପୂର୍ବପୁରୁଷଙ୍କ ଜାତପ୍ରେମ ହେଜ
ଉତ୍କଳ ଗୌରବ, ଉତ୍କଳମଣିଙ୍କ
ଜାତପ୍ରୀତ ଭବ ଆପଣା ଭତରେ ଖୋଜ ।

ଉତ୍କଳ ଜନନୀ, ଶୋଭି ସୁଶୋଭନୀ
ହସୁ ପୁଣି ହୋଇ ପ୍ରାଚ୍ୟ ରଜରାଣୀ
ଗଢ଼ିବାକୁ ମା'ର ପ୍ରଗତ କୋଣାର୍କ
ପ୍ରତଟି ଓଡ଼ିଆ ପ୍ରାଣେ ଧର୍ମପଦ ଜନ୍ମୁ ପୁଣି ।

ଲଙ୍କ ରୋଡ୍ , କଟକ-୧୨

http://www.appsgeyser.com/4368717

# ନୀରବତା



ମିନତୀ ପ୍ରଧାନ

ନୀରବତା ! ତୁମର ତ ଅନେକ ସ୍ୱରୂପ,
ସାଗର କାହିଁକି ନୀରବ
ପ୍ରସ୍ତୁତ ହୁଉଛ ବୋଧେ,
ଉତ୍ତାଳ ତରଙ୍ଗ ଓ ଲଘୁଗ୍ରପ ପାଇଁ ।

ତରୁଲତାର ନୀରବତା,
ପବନ ମାଡ଼ି ଆସୁଛ ଝଡ଼ ସୃଷ୍ଟି ପାଇଁ
ସଙ୍କେତ ଦଏ ରହ ରହ ।

ରାତ୍ରିର ନୀରବତା !
ହୁସ୍ କରି ପାଦ ଚପି
ପଶି ଆସେ ଦୁଃସ୍ୱପ୍ନ,
ତା ଦଳବଳ ଧରି ।

ନୀରବତା ! ଶାନ୍ତ ସିନା,
ଆଶଙ୍କା ଖେଳାଏ ମନେ
ମୁହଁ ଖୋଲିଲେ
ବାଦଲ ଗରଜିବ ବା,
ହସିପାରେ ଏ ଧରଣୀ ଖିଲ ଖିଲ ହସ ।

http://www.appsgeyser.com/4368717

# ଆପଣଙ୍କ ପତ୍ର



ସୁଶାନ୍ତ ପୁରୋହିତ

ଶ୍ରଦ୍ଧେୟ ଡା ଜ୍ୟୋତି ପ୍ରସାଦ,

ଅତ୍ୟନ୍ତ ଖୁସି ଲାଗିଲା । ଆହ୍ୱାନ ନିଜର ନିରବଚ୍ଛିନ୍ନ ପ୍ରକାଶନ ଜାରି ରଖିବା ସହ ଆହୁରି ଉନ୍ନତତର ପ୍ରୟାସ ମଧ୍ୟ କରିଚାଲିଛି । କ୍ୟୁଆର୍ କୋଡ୍‌ର ପ୍ରଚଳନ ନିଶ୍ଚିତ ଭାବରେ ଏହି ପତ୍ରିକାକୁ ଏକ ଉଚ୍ଚତର ସୋପାନକୁ ନେଇଛି, ଏହା ସମସ୍ତେ ସ୍ୱୀକାର କରିବେ । ଏବେକାର ବ୍ୟସ୍ତ ବହୁଳ ସଂସାରରେ ଏଭଳି ଏକ ଜାତିସେବା, ଭାଷାସେବା ବିରଳ ଓ ମୁଁ ତୁମର ଏହି ନିରନ୍ତର ପ୍ରଚେଷ୍ଟାର ଜଣେ ପ୍ରଶଂସକ । ଆହୁରି ଅନେକ ଶିକ୍ଷିତ ଓଡ଼ିଆ ମାନେ ଆଗେଇ ଆସନ୍ତୁ, ଲେଖା ଦିଅନ୍ତୁ ଓଡ଼ିଆରେ । ଓଡ଼ିଆରେ ଟାଇପ୍ କରିବା ନିଶ୍ଚିତ ଭାବରେ ଖୁବ ସହଜ ହେଲାଣି । ଯେ କେହି ବନ୍ଧୁ ମାତ୍ର ଘଣ୍ଟାଏ ଚେଷ୍ଟା କଲେ ଓଡ଼ିଆରେ ଟାଇପ୍ କରିବା ଆରମ୍ଭ କରି ପାରିବେ । କମ୍ପ୍ୟୁଟର ହେଉ ବା ମୋବାଇଲ, ଉଭୟରେ ସହଜରେ ଟାଇପ୍ ହେବ । ଏଥିପାଇଁ ବିନା ମୂଲ୍ୟରେ ଆପ୍ ସବୁ ଉପଲବ୍ଧ । ତେଣୁ ମୁଁ ଆହ୍ୱାନର ପାଠକମାନଙ୍କୁ ମଧ୍ୟ ଅନୁରୋଧ କରିବି ସେମାନେ ଓଡ଼ିଆ ଟାଇପ ଶିଖନ୍ତୁ ଓ ତାଙ୍କ ବନ୍ଧୁମାନଙ୍କୁ ମଧ୍ୟ ପ୍ରବର୍ତ୍ତାନ୍ତୁ ଏହି ମହାନ ଉଦ୍ୟମରେ ଯୋଗ ଦେଇ ଏହାର ଉତ୍ତରୋତ୍ତର ଉନ୍ନତି କରିବାରେ ।

ଧନ୍ୟବାଦ

ସୁଶାନ୍ତ ପୁରୋହିତ

# ଆଇ ବୁଢ଼ୀ



ଇଂ ଶାରଦା ପ୍ରସାଦ ପରିଡ଼ା

ମୋ ଗାଁ ରେ
ମୋ ମାଟିରେ
ଜୀବନ କଥା କୁହେ
ସ୍ୱାର୍ଥର ଏଇ ମଣିଷ ଭିଡ଼େ
ବଞ୍ଚିବା ଇଚ୍ଛାହୁଏ ।
ଯେବେ,
ଦୁର୍ବାର ସ୍ନେହ ପ୍ରେମ ବନ୍ଧନେ
ମୋ ଆଇ ବୁଢ଼ୀ,
ସରଗ ମନେ
ଥର ଥର ତା ହାତକୁ ଆଣି
ମଥା ଉପରେ ଥୁଏ ।
ପୁରିଲା ତା'ର ଆୟୁଷ ଆଣି
ମୋ ମୁଣ୍ଡ ପରେ କରେ ଗୁଣ୍ଡଉଣି
ସଂସାର ସୁଖ ମୋ ଲାଗି ଯେତେ
ଦେଖି ମନାସୁଥାଏ,
ମୋ ଗାଁ ରେ
ମୋ ମାଟିରେ
ଜୀବନ କଥା କୁହେ ।

ଅଧ୍ୟାପକ, ମେକାନିକାଲ ଇଂଜନୟରଂ,
କୋଣାର୍କ ବିଜ୍ଞାନ ଏବଂ ବୈଷୟିକ ମହାବିଦ୍ୟାଳୟ , ଖୋର୍ଦ୍ଧା

http://www.appsgeyser.com/4368717

# ବାଞ୍ଛା ଭଇନାଙ୍କ ପୃଥିବୀ



ବ ପ୍ରକାଶ ଚନ୍ଦ୍ର ପାତ୍ର

ସେଦନ ମଣ୍ଟୁ ଦୋକାନ

ଷ୍ଟାଣ୍ଡ ପୋଷ୍ଟଠାରେ

ବାଞ୍ଛାଭଇନା କହୁଥିଲା

ସବୁ ଲେଖା ଭଲ

କୋଉ ଲେଖା ଖରପ ନୁହେଁ ।

ସବୁ ଲେଖକ ଭଲ

କୋଉ ଲେଖକ ଖରପ ନୁହନ୍ତ

କୋଉ ବହ ଖରପ ନୁହେଁ ।

ସବୁ ବହ ଭଲ

ଆମେ ଯାହା ବୁଝିଲାବାଲା

ବୁଝିଲେ ହେଲା...

ଆମେ ବୁଝୁନାହୁଁ ବୋଲ ତ

ଫୁଲ ସବୁ ଗୁଳ ହୁଅନ୍ତ

ଶବ୍ଦ ସବୁ ବୋମା ପାଲଟନ୍ତ

ଗ୍ଲାଇ ଖର ହୁଏ

ପାଣି ସବୁ ଶୁଖି ଶୁଖି ଯାଏ

ସମୁଦ୍ର ଯାଏଁ...

http://www.appsgeyser.com/4368717

ଆମେ କିଛି ବୁଝୁନୁ ବୋଲି ।

ଆମେ ଭଲ ତ

ସବୁ କିଛି ଭଲ

ସବୁ ଠିକ୍ ଠାକ୍

ଦେଖୁନ -

ବାଞ୍ଛା ଭାଇନାଙ୍କ ପୃଥିବୀ

କେତେ ଭଲ

କେଡ଼େ ସୁନ୍ଦର

ଯେମିତ ବାଞ୍ଛାଭାଇନାଙ୍କ

ଅନୁଭବ / ଉପଲବ୍ଧି / ଦୃଷ୍ଟି / ଦର୍ଶନ

ସ୍ପର୍ଶ / ଆଲିଙ୍ଗନ /

ସବୁଠି ଦିବ୍ୟଭାବର

ଏକ ଈଶ୍ୱରୀୟ ମହାବୋଧ

ତେଣୁ ତ ବାଞ୍ଛା ଭାଇନାଙ୍କ ପୃଥିବୀ

ଆନନ୍ଦ ଖାଲି ଆନନ୍ଦ ।

ଅଧ୍ୟକ୍ଷ, ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ

ବାଲିପଦର, ଗଞ୍ଜାମ

http://www.appsgeyser.com/4368717

# ମୁଁ ଏବଂ ଟ୍ରେନ୍



ଦୀପକ ଷଡ଼ଙ୍ଗୀ

ଜୀବନ ମୋ ବତଗଲା ଟ୍ରେନର
ସେ ସ୍ଲିପର କୋଚରେ
ଶିଖି ଗଲଣି ମୁଁ ଆଡ଼ଜଷ୍ଟ ହେବା
ଯଦ ଥାଏ ମୋ ଟିକେଟ ୱେଟିଂ ଲଷ୍ଟରେ

ତନମାସ ଆଗରୁ ବୁକଙ୍ଗ କରବାକୁ ହୁଏ
ଟିକେଟ ଓଡ଼ିଶା ଯିବାପାଇଁ,
କାଉଣ୍ଟର ଆଗ ଲମ୍ବା ଲାଇନରେ ଛିଡ଼ା
ହେଇ ହୋଇଗଲଣି ମୁଁ ଧଇଁ ସଇଁ

ପିଲାଦନେ ଥରେ ଟ୍ରେନରେ ବସିବା ପାଇଁ
ଘରେ କେତେ କରଥିଲ ଝଗଡ଼ା,
ପାଠପଢ଼ା ପରେ ହୋଇଗଲା ଟ୍ରେନ
ମୋ ଜୀବନର ସାଥେ ଯୋଡ଼ା ।

କେତେ ନୂଆ ନୂଆ ସାଙ୍ଗ ଆଉ ସମ୍ପର୍କ
ଟ୍ରେନରେ ଗଢ଼ଇ ମୁହିଁ,
ଷ୍ଟେସନ ଆସିଲେ ଗ୍ଲଲ ଯାଆନ୍ତି
ସଭିଏଁ ମୁହଁକୁ ଆଡ଼େଇ ଦେଇ ।

ବୁଲଲଣି ମୁଁ ଅମରାବତୀ ଆଉ
ଫଲକ୍‌ନାମାରେ ବସି ଗୋଆ, କଲକତା, ହାଇଦ୍ରାବାଦ
ଅଯଥାରେ ପୁଣି ବେଳେ ବେଳେ ଟିକେଟ

କ୍ୟାନସେଲ କର ପଇସା ମୋ କରନ୍ତୁ ବରବାଦ ।

ଜୀବନଟା ମୋର କମ ସିଧା
ବେଶି ଅଙ୍କାବଙ୍କା ଟ୍ରେନର ଟ୍ରାକ୍ ପର
ଭାବଲେ ଡରଲାଗେ କାଳେ ଏଇ ଟ୍ରେନରେ
ବସିବସି ମୋ ଜୀବନଟା ଯିବନ ତ ସର ।

ଅଧ୍ୟାପକ,ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

http://www.appsgeyser.com/4368717

# କପର କହବ



ନୃସିଂହ ଚରଣ ବେହେରା

କ ଗୀତ ଆଉ ମୁଁ ଲେଖିବ ଏଥର
କଲମରେ କାଳନାହିଁ,
କାହାଣୀ ଯାହା ବ ଲେଖିବାର ଥିଲା
ଆଉ ମନେ ପଡୁନାହିଁ ।
ସମୟ ସହିତ ତାଳ ଦେଇ ସିନା
ଅମଡ଼ା ମାଡ଼ି ଗୃଲଲ
କପର କହବ ତା ଶେଷଟା କେଉଁଠି
ଅବା ମୁଁ ଥକ ପଡ଼ିବ ।
ଗୃହୁଁ ଗୃହୁଁ ମୋର ବେଳ ସରଯାଏ
ଲାଗୁଅଛ କାଲ ପର
ଗର୍ବ ଅହଂକାର ସବୁ ଏଇଠି ରହବ
ଯିବ ଏକା ଏକା ଗୃଲ ।
ଜୀବନ ପଥରେ ମୁଁ ଏକାକୀ ପଥିକ
ଯିବ ଆଉ କେତେ ଦୂର
ସଂସାରରେ ଥିବା ବାକ ଦାୟିତ୍ୱକୁ
କରବ କେବେ ସମ୍ପୂର୍ଣ୍ଣ ।
ଦଇବ ହାତରେ ମଣିଷ କଣ୍ଢେଇ
ତା ହାତେ ଭାଗ୍ୟର ଡୋରୀ
ସଂସାରର ଏହ ଅଥଳ ସାଗରେ
ମଣିଷ ଗୃର ନାଉରୀ ।

ଭୋଇନଗର, ଭୁବନେଶ୍ୱର
ଦୂରଭାଷ - ୯୦୯୦୪୫୯୭୪୫

http://www.appsgeyser.com/4368717

# ସୀମାନ୍ତେ ସଂଳାପ



ସନାତନ ମହାକୁଡ଼

ମୂଳ ରଚନା (ବଙ୍ଗଳା) - ଦେବବ୍ରତ ଦେବ ପୁରକାୟସ୍ଥ
ଓଡ଼ିଆ ଭଷାନ୍ତରଣ - ସନାତନ ମହାକୁଡ଼

ସୀମାନ୍ତେ କଣ୍ଟାତାର
ବନ୍ଦ ଅଗ୍ନି
ଗୋଳାଗୁଳର ଶବ୍ଦ ନାହିଁ ।
ପିଲାମାନେ ଖୁବ୍ ଖୁସି
ନୀଳ ଆକାଶର ବସନ୍ତ ବତାସେ
ଏଥର ଉଡ଼ିବ ଗୁଡ଼ି
ଝେଲମ୍‌ର ପଶ୍ଚିମ ଦଗରେ ।

ଜଗୁଆଳହୀନ ସେଇ ଆକାଶ
କେବଳ କ୍ଲାନ୍ତର ଅବକାଶେ ଉଲ୍ଲସିତ ପିଲାମାନେ
ଗୁଡ଼ି ଉଡ଼ା ଦେଖି,
ଲାଲ୍ ନୀଳ, ସବୁଜ ସ୍ଫୁତ ଆକାଶ ସୀମାହୀନ
ଅନ୍ତର୍ଲୀନ ମଣିଷର ଠିକଣା ବୁଝେନା;
ଅସୀମାନ୍ତେ ଗୁଡ଼ିସବୁ ବନ୍ଧା ସୁତା
ଛଡ଼ାଇ ମିଶିଯିବାକୁ ଗ୍ଵହେଁ ସପ୍ତସିନ୍ଧୁର
ଭିଜାମାଟିରେ ।

ପିଲାମାନଙ୍କର ଖୃଲ ଖୃଲ ହସ ।

'ଅଜଣା ଆମନ୍ତ୍ରଣରେ ଏକ ହେଲା ଆକାଶ ଆମ ହାତେ'

ବିମର୍ଷ କଣ୍ଟା ତାର ଏକ ମୁଠା ବତାସକୁ

ଧର ରଖିପାରେନା,

ଗୁଡ଼ି ଉଡ଼େ ଏପଟେ ସେପଟେ

ପିଲାମାନଙ୍କର ଖୃଲ ଖୃଲ ହସେ -

ଜଗୁଆଳହୀନ ସେଇ ଆକାଶେ ।

ବେରୁଆଁବାରୀ - ୭୫୨୦୮୨

ଜିଲ୍ଲା - ନୟାଗଡ଼, ଓଡ଼ିଶା

ଦୂରଭାଷ - ୦୯୩୩୯୬୧୦୧୬୮

ଇମେଲ୍ - sanmahakud@gmail.com

# ମେଲାଣି



ଲକ୍ଷ୍ମଣ ମିଶ୍ର

ମୁଁ ଯିବାଟା ଥୟ ।
ଥରେ ଗୋଡ଼ କାଢ଼ିବି ତ
ଆଉ ଥରେ କେବେ ଫେରିବିନି
ଯେମିତି ଫେରେନି କେବେ
ନାଁ ଅଜଣା ନଇରେ ଭାସୁଥିବା କାଗଜ ଡଙ୍ଗା
ଯୌବନର ନଇ-କୂଳରୁ ଖସୁଥିବା ଅତଡ଼ା
ଯେମିତି ଫେରେନି କେବେ
ଆଜର ଗର୍ଭରୁ ମୃତ କାଲି
ଆରପାରିରୁ ପୁନଶ୍ଚ ଜୀବନ୍ତ କେହି !

ଯିବି ତ ନିଶ୍ଚୟ
ହେଲେ ଯିବା ଆଗରୁ
ଥରୁଟିଏ ଖାଲି
ଆଖି ପୁରେଇ ଦେଖିନିଏ
ଏଡ଼େ ନଜର ଲାଗୁଥିବା
ମୋର ଏ ବର୍ତ୍ତମାନକୁ
ଶେଷଥର ପାଇଁ ଭସେଇ ଦିଏ
ତା'ର ଗଙ୍ଗା ଜଳରେ

http://www.appsgeyser.com/4368717

ପୁଟୁଳି ପୁଟୁଳି କରି ବାନ୍ଧି

ମୋର ଯେତକ ହସ ଲୁହକୁ

ମୋର ଯେତକ ସୁଖ - ଦୁଃଖକୁ ।

ଆଉ ତା'ପରେ ?

ତା'ପରେ ତ ଯିବାର ଅଛି

ଦିଗବଳୟର ସେ ପାରିକୁ

ଶୂନ୍ୟତା ଡେଇଁ ମହାଶୂନ୍ୟ ଆଡ଼କୁ ।

କନ୍ଧମାଳ, ବୌଦ୍ଧଗଡ଼

ଦୂରଭାଷ - ୮୨୭୦୩୧୩୧୫୩

ଇମେଲ୍ - lmishra8793@gmail.com

http://www.appsgeyser.com/4368717



# ମୋ ବାପା



ହମାଂଶୁ ଶେଖର ବାରକ

ଅଜଣା ରଇଜୁ ଅଣାଇ ଜଗତେ
ଭରଦେଲ ସ୍ନେହ ପ୍ରୀତ ମୋର ହୃଦେ ।
ପରଚୟ ଦେଲ ସଂସାରେ ମୋହର
ସନ୍ତାନ ମୁଁ ଅଟେ ବଂଶରେ ତୁମ୍ଭର ।
ତୁମ ଯୋଗୁଁ ମୋର ହୋଇଲ୍ ଜନମ
ଭାରତେ ଉତ୍କଳ ରାଜ୍ୟେ ପୁଣ୍ୟ ଧାମ ।
ପଢାଇଲ ପାଠ ଗ୍ରାମ ବଦ୍ୟାଳୟେ
ମହା ବଦ୍ୟାଳୟେ ବଶ୍ୱ ବଦ୍ୟାଳୟେ ।
ହୋଇବ ବୋଲ ମୁଁ ଉନ୍ନତ ମଣିଷ
ରଖିବ ଟେକ ତୁମ ଅରଜ ଯଶ ।
ଆଶୀର୍ବାଦେ ତୁମ ପାଇଲ ଚାକରୀ
ଅର୍ଥର ଅଭାବ ଗଲ୍ ଅପସର ।
ବବାହ ବନ୍ଧନେ କରାଇ ଆବଦ୍ଧ
ଲଢ଼ିବାକୁ ଦେଲ ଜୀବନର ଯୁଦ୍ଧ ।
ତୁମ ପାଦ ଧୂଳ ମୁଣ୍ଡରେ ମୋ ମାର
ଜୀବନ ସଂଗ୍ରାମେ ହେଲ ଅଗ୍ରସର ।
ସହସା ନୟନ କରଲ ମୁଦ୍ରତ
ଜଟିଳ ସଂସାରେ ହୋଇଲ ଅନାଥ ।
ସଂସାର ଯାତ୍ରାର ବପଦର ବେଳେ

http://www.appsgeyser.com/4368717

ଆଶ୍ରୟ ନେବ ମୁଁ କାହା ଛତ୍ର ତଳେ ।

ଉପଦେଶ କିଏ କରିବ ପ୍ରଦାନ

ଧରିବାକୁ ଧୈର୍ଯ୍ୟ ବସୁମତି ସମ ।

କିଏ ସେ ରହିବ ରଜନୀ ଉନ୍ନିଦ୍ର

ଖୋଜିବାକୁ ପଥ ସମସ୍ୟା ମୋହର ।

ଈଶ୍ୱର ଚରଣେ ଆତୁର ପ୍ରାର୍ଥନା

କିଏ ସେ କରିବ ମୋ ଶୁଭ କାମନା ।

ଦୁଃଖରେ ମୋହର ହୋଇ ଅଭିଭୂତ

କିଏ ସେ ହୋଇବ ମନେ ବିଚଳିତ ।

ସାରା ଜୀବନର କରମର ଫଳ

ଅଜାଡ଼ିଲ ହେବ ପୁତ୍ରର ମଙ୍ଗଳ ।

ଗୃହିଁଲେ ବି ଭୁଲି ପାରିବିନି ମୁହିଁ

ତୁମ ଅବଦାନ ମୋ ଜୀବନ ପାଇଁ ।

ହୋଇଲେ ବି ମୁହିଁ ସହସ୍ର ଜନମ

ପାରିବିନି କରି ଶୋଧ ତୁମ ଋଣ ।

ବିନତି କରୁଛି ଈଶ୍ୱର ପୟର

ସଦଗତି ମିଳୁ ଆତ୍ମାକୁ ତୁମର ।

ବରିଷ୍ଠ ଅଡ଼ିଟ୍ ଅଧିକାରୀ
କ୍ୱାର୍ଟର ନଂ ଟାଇପ୍ ୩ - ୨୦୧
ନୂଆ ଏଜି କଲୋନୀ
ନୂଆପଲ୍ଲୀ
ଭୁବନେଶ୍ୱର - ୭୫୧୦୧୨

http://www.appsgeyser.com/4368717

# ମହେନ୍ଦ୍ରଗିରିର ମନ୍ଦିର



ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ

ମହେନ୍ଦ୍ରଗିରିରେ ସ୍ଥିତ ଅଧିକାଂଶ ମନ୍ଦିର ପଞ୍ଚମ ଶତାବ୍ଦୀରେ ନିର୍ମାଣ ହୋଇଥିଲା । ଆକାରରେ କ୍ଷୁଦ୍ର ହୋଇଥିଲେ ସୁଦ୍ଧା ଏହି ସବୁ ମନ୍ଦିର ଭାରତର ପ୍ରାଚୀନ ମନ୍ଦିର ନିର୍ମାଣ କଳାକୁ ଦର୍ଶାଏ । ଏଠାରେ ଅବସ୍ଥିତ ମନ୍ଦିର ସବୁ ନିଜର ସ୍ଥାପତ୍ୟକଳା ଆଧାରରେ ଭିନ୍ନତା ଦେଖାନ୍ତି । ଅନେକ ମନ୍ଦିରରେ ବର୍ତ୍ତମାନ ମଧ୍ୟ ପୂଜାର୍ଚ୍ଚନା କରାଯାଉଛି । ପ୍ରାୟତଃ ବିଶିଷ୍ଟ ଦିବସମାନଙ୍କରେ ଯଥା ଶିବରାତ୍ରୀ, ସଂକ୍ରାନ୍ତି ଓ ପୂର୍ଣ୍ଣିମା ଆଦି ଦିନମାନଙ୍କରେ ଏଠାରେ ଭକ୍ତମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ । ମହେନ୍ଦ୍ରଗିରିରେ ଥିବା ଅନେକ ମନ୍ଦିର ମଧ୍ୟରୁ କିଛି ଉଲ୍ଲେଖନୀୟ ମନ୍ଦିର ହେଉଛନ୍ତି;

### *୧. ଯୁଧିଷ୍ଠିର ମନ୍ଦିର*

ମହାଭାରତ ଯୁଗରେ ପଞ୍ଚୁପାଣ୍ଡବଙ୍କ ମଧ୍ୟରେ ଜ୍ୟେଷ୍ଠ ଥିଲେ ଯୁଧିଷ୍ଠିର । ଏହି ମନ୍ଦିର ମହେନ୍ଦ୍ରଗିରି ଶିଖର ଅଞ୍ଚଳରେ ନାହିଁ । ଭୀମ ମନ୍ଦିରଠାରୁ ଶହେ ମିଟର ଦକ୍ଷିଣକୁ ଏହା ଅବସ୍ଥିତ । ଏହି ମନ୍ଦିରର ଅଧ କିଲୋମିଟର ତଳକୁ କୁନ୍ତୀ ମନ୍ଦିର ଅବସ୍ଥିତ । ଯୁଧିଷ୍ଠିରଙ୍କ ମନ୍ଦିର ଏକ ସରଳ ଚଟାଣ ଉପରେ ନିର୍ମିତ ହୋଇଥିଲା । ଏହା ୧୪ ମିଟର ଉଚ୍ଚ । ଏହି ମନ୍ଦିରର ବିଶେଷତ୍ୱ ହେଉଛି ଏହି ମନ୍ଦିର ଚତୁର୍ପାର୍ଶ୍ୱରେ ପାର୍ଶ୍ୱ ଦେବତା କେହି ନାହାନ୍ତି । ଭୁବନେଶ୍ୱର ସ୍ଥିତ ପର୍ଶୁରାମେଶ୍ୱର ମନ୍ଦିରର ଢାଞ୍ଚାରେ ଏହି ମନ୍ଦିର ନିର୍ମାଣ କରାଯାଇଛି । ମନ୍ଦିର ସମ୍ମୁଖରେ ଷଡ଼ଭୁଜାକାର ପ୍ରାଚୀର ରହିଛି । ମନ୍ଦିରକୁ ତ୍ରୀରଥ ଶୈଳୀରେ ନିର୍ମାଣ କରାଯାଇଛି (ବୋଷ, ୧୯୯୨) । ଜମିଠାରୁ ଉଚ୍ଚକୁ



http://www.appsgeyser.com/4368717



ଉଠି ଏହା କ୍ରମେ କୋଣାକାର ହୋଇଛି । ମନ୍ଦିର ଶୀର୍ଷରେ ଅମଳକ, ଏବଂ ଆୟୁଧ ଦେଖା ଦଅନ୍ତି । କଛି ଐତହାସିକଙ୍କ ମତରେ ଏହ ମନ୍ଦିର ନର୍ମାଣ ଅଧାରେ ହିଁ ବନ୍ଦ ହୋଇଥିଲା ତେଣୁ ଏହାର କୌଣସି କାରୁକାର୍ଯ୍ୟ ଦେଖାଯାଏ ନାହିଁ । ଏହ ମନ୍ଦିରର ସ୍ଥାପତ୍ୟ ଭୁବନେଶ୍ୱର ସ୍ଥିତ ଶତୃଘ୍ନେଶ୍ୱର ମନ୍ଦିରମାଳା ସହ ସାମ୍ୟତା ରହଛି । ଏହ ମନ୍ଦିରର ନର୍ମାଣ କଳାକୁ ଲକ୍ଷ୍ୟକଲେ ଏହା ଷଷ୍ଠ ଓ ସପ୍ତମ ଶତାବ୍ଦୀ ମଧରେ ନର୍ମାଣ ହୋଇଥିବା ଜଣାପଡ଼େ । ମନ୍ଦିରରେ ଲଖିତ ଶିଳାଲେଖରେ ଗଜେନ୍ଦ୍ର ଗ୍ରେଳଙ୍କ ନାମ ରହଛି ଯେ ୧୦୧୫ରୁ ୧୦୨୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରୁଥିଲେ । ଡୋନାଲ୍‌ଡ଼ସନ୍ ଏହ ମନ୍ଦିରର ଶିଳାଲେଖାକୁ ଏକାଦଶ ଖ୍ରୀଷ୍ଟାବ୍ଦର ବୋଲି ଦାବୀ କରନ୍ତି ।

### ୨. ଭୀମ ମନ୍ଦିର

ପଞ୍ଚୁପାଣ୍ଡବଙ୍କ ମଧରେ ଦ୍ୱତୀୟ ଭାଇଥିଲେ ଭୀମ । ମହେନ୍ଦ୍ରଗିରି ଶୀର୍ଷରେ ଭୀମଙ୍କ ନାମରେ ଏକ ମନ୍ଦିର ଭକ୍ତମାନଙ୍କ ପାଇଁ ରହଛି । ଅନ୍ୟ ମନ୍ଦିର ତୁଳନାରେ ଏହା ସାନ ଏବଂ ମାତ୍ର ୭ ମିଟର ଉଚ୍ଚ । କନ୍ତୁ ଏହା ଏକ ବଶାଳ ମନ୍ଦିର ପରି ପ୍ରତୀତ ହୁଏ । ମନ୍ଦିରଟି ଚତୁର୍କୋଣୀୟ ହୋଇଛି । ଏବଂ ଏହା ୧୭ ବର୍ଗ ମିଟର ଅଞ୍ଚଳ ଉପରେ ଅବସ୍ଥିତ । ଏହ ମନ୍ଦିରକୁ ୧୯ ଖଣ୍ଡ ବଶାଳ ଶିଳାଖଣ୍ଡରେ ନର୍ମାଣ କରାଯାଇଛି । ସର୍ବନମ୍ନରେ ଗୋଟିଏ ବର୍ଗାକାର ପ୍ରସ୍ତର ରହଛି ।




ଏହାଉପରେ ଅନ୍ୟ ସବୁ ପଥର ରଖାଯାଇଛି । ସର୍ବୋଚ୍ଚ ଶୀଖରରେ ଥିବା ପ୍ରସ୍ତର ୩ମି x ୩ମି x ୧.୪ ମିଟର ଅଟେ । ଏହାଉପରେ ଚକ୍ରାକାର ବେଙ୍କି ରହଛି ଏବଂ ଶୀର୍ଷରେ ଅମଳକ ରହଛି । ଏହା ସବୁ ଗୋଟିଏ ଗୋଟିଏ ଶିଳାଖଣ୍ଡରେ ନର୍ମିତ ହୋଇଛି । ମହେନ୍ଦ୍ରଗିରିର ୧୫୦୧ ମିଟର ଉଚ୍ଚ ସ୍ଥାନକୁ ଏତେ ବଶାଳ ପ୍ରସ୍ତର ଖଣ୍ଡ କେମିତ ନିଆଯାଇଥିଲା ତାହା ଆଶ୍ଚର୍ଯ୍ୟର ବଷୟ । ମନ୍ଦିରରେ ମାତ୍ର ଗୋଟିଏ ଦ୍ୱାର ରହଛି । ୧.୨ ମିଟର ଉଚ୍ଚ ଏବଂ ୩୧ ସେମି ଚଉଡ଼ା ଏହ ଦ୍ୱାର ଦେଇ ମନ୍ଦିରରେ ପ୍ରବେଶ କରିବା

ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ । ମନ୍ଦିର ଭିତରର ଗର୍ଭ ଗୃହ ଦେଢ ମିଟର ଚଉଡ଼ା ଏବଂ ଦେଢ଼ ମିଟର ଲମ୍ବର ଅଟେ । ଏହି ମନ୍ଦିର ଅତୀତର କଳଙ୍ଗ ଶୈଳୀର ମନ୍ଦିର ବୋଲି ଗବେଷକ ବାନେର୍ଜୀ (୧୯୩୦) କୁହନ୍ତି । ରାଜଗୁରୁ (୧୯୬୦, ୧୯୮୫) ଏବଂ ଅନ୍ୟ କେତେଜଣ ଗବେଷକ ଏହି ମନ୍ଦିରକୁ କଳଙ୍ଗର ଗୁପ୍ତ ଯୁଗର ପ୍ରାଚୀନ ମନ୍ଦିର ସ୍ଥାପତ୍ୟ କଳାର ନିଦର୍ଶନ ବୋଲି କୁହନ୍ତି । ମନ୍ଦିରରେ ବ୍ୟବହୃତ ଶିଳାର ଧାରୁଆ ଭାଗକୁ ଦେଖିଲେ ତତ୍‌କାଳୀନ ମନ୍ଦିର ନିର୍ମାଣ କାରିଗର ମାନଙ୍କର ବିଶେଷତ୍ୱ ବୁଝିହୁଏ । ବିଜୁଳି ମାରିବାଦ୍ୱାରା କିମ୍ବା ଭୂକମ୍ପ ଦ୍ୱାରା କିଛି ଶିଳାଖଣ୍ଡ ଏପାଖ ସେପାଖ ହୋଇଯାଇଥିବା ଦେଖାଯାଏ । ମନ୍ଦିରରେ ପ୍ରବେଶ କରିବାପରେ ଏକ ପତଳା ଦ୍ୱାର ଦେଇ ସେମାନେ ବାହାରକୁ ଯାଇଥାନ୍ତି । ଯଦି ସେଇ ପତଳା ଦ୍ୱାର ଦେଇ କୌଣସି ବ୍ୟକ୍ତି ବାହାରକୁ ଯାଇପାରେ ତେବେ ସେ ପୂଣ୍ୟାତ୍ମା ବୋଲି ମନେ କରାଯାଏ । ମନ୍ଦିରରେ କୌଣସି କାରୁକାର୍ଯ୍ୟ ନାହିଁ, କିମ୍ବା ପାର୍ଶ୍ୱ ଦେବୀଦେବତା ନାହାନ୍ତି । ଜଣେ ଗବେଷକ ରଥ(୧୯୭୭)ଙ୍କ ଅନୁସାରେ ଏକା ଏକ ଅସମ୍ପୂର୍ଣ୍ଣ ଶିଖର ମନ୍ଦିର । ମନ୍ଦିରଟି ପୂର୍ବ ଆଡ଼କୁ ମୁହଁ କରି ରହିଛି । ପ୍ରତ୍ନତତ୍ତ୍ୱବିଦ୍ ଜ ସି ଗ୍ରେଲେଙ୍କ ମତରେ ଏହି ମନ୍ଦିର ଗ୍ରାନାଇଟ୍ ପଥରର ଏକ କୁଢ଼ ସହ ସମାନ । ଏହା ମହେନ୍ଦ୍ରଗିରିର ଶୀର୍ଷରେ ରହିଥିବା ହେତୁ ଏଠାରୁ ଚତୁର୍ପାର୍ଶ୍ୱର ଦୃଶ୍ୟ ଅତ୍ୟନ୍ତ ମନୋରମ ଦେଖାଯାଏ ଏବଂ ଏଠାରୁ ସୂର୍ଯୋଦୟ ଓ ସୂର୍ଯ୍ୟାସ୍ତ ଅତ୍ୟନ୍ତ ସୁନ୍ଦର ଦେଖାଯାଏ ।

### ୩. ଅର୍ଜୁନ ମନ୍ଦିର

ମହେନ୍ଦ୍ରଗିରିରେ ନିର୍ମିତ ପାଞ୍ଚୋଟି ମନ୍ଦିର ପଞ୍ଚୁପାଣ୍ଡବଙ୍କ ଉଦ୍ଦେଶ୍ୟରେ ନିର୍ମିତ । ଅର୍ଜୁନଙ୍କ ପାଇଁ ନିର୍ମିତ ମନ୍ଦିର ବର୍ତ୍ତମାନ ଭଗ୍ନାବସ୍ଥାରେ ଅଛି । ମନ୍ଦିର ନିର୍ମାଣରେ ବ୍ୟବହୃତ ପ୍ରସ୍ତର ସବୁ ଏଣେତେଣେ ଅସ୍ତବ୍ୟସ୍ତ ହୋଇ ପଡ଼ି ରହିଥିବା ଦେଖାଯାଏ । କିଛି ଗବେଷକଙ୍କ ମତରେ ଏହି ମନ୍ଦିର ଉପରେ ଆକ୍ରମଣ କରି ଭାଙ୍ଗିଦିଆଯାଇଛି ଏବଂ ଏହାର ପ୍ରସ୍ତର ସବୁକୁ ଏଠାରୁ ଦୂରକୁ ନିଆଯାଇଛି ।

http://www.appsgeyser.com/4368717

ତଥାପି ପର୍ବତ ଶିଖରରେ ଏକ ଅର୍ଜୁନ ଗୁମ୍ଫା ରହିଥିବା କଥା ଶୁଣାଯାଏ । ଲୋକକଥାକୁ ବିଶ୍ୱାସ କରିଲେ ଏଠାରେ ଏକ କୋଟି ଶିବଲିଙ୍ଗ ରହିଥିଲା । ବର୍ତ୍ତମାନ ମହେନ୍ଦ୍ରଗିରି ପାଦଦେଶରେ ଥିବା ବରୁଆ ଗ୍ରାମରେ ଗୋଟିଏ କୋଟିଲିଙ୍ଗେଶ୍ୱର ମନ୍ଦିର ରହିଛି । ବୋଧହୁଏ ମହେନ୍ଦ୍ରଗିରିରେ ଥିବା ସମସ୍ତ ମନ୍ଦିର ଭିତରେ ଅର୍ଜୁନ ମନ୍ଦିର ସବୁଠାରୁ ସୁନ୍ଦର ଥିଲା ଏବଂ ଏହା ଶତ୍ରୁ ଆକ୍ରମଣରେ ଭାଙ୍ଗିଯାଇଥିବା ବେଳେ ଏଠାରେ ଥିବା କୋଟିଲିଙ୍ଗେଶ୍ୱରଙ୍କୁ ବରୁଆ ସ୍ଥାନାନ୍ତରିତ କରାଯାଇଥିଲା । ପରେ ପରେ ଦେବତା ବିହୀନ ଏହି ମନ୍ଦିର ଭାଙ୍ଗିଯାଇଥିଲା ।

### ୪. ନକୁଳ ଓ ସହଦେବ ମନ୍ଦିର

ସବୁଠାରୁ ସାନ ଦୁଇଭାଇଙ୍କ ପାଇଁ ମଧ୍ୟ ଦୁଇଟି ମନ୍ଦିର ନିର୍ମାଣ ହୋଇଥିଲା ଏବଂ ସେମାନେ ମଧ୍ୟ କାଳର କରାଳଗର୍ଭରେ ଭଗ୍ନାବଶେଷ ହୋଇ ରହିଛନ୍ତି । ବର୍ତ୍ତମାନ ସେହି ଭଗ୍ନ ମନ୍ଦିରମାନଙ୍କରେ ଶିବଲିଙ୍ଗ ପୂଜା ପାଉଛନ୍ତି ।

### ୫. କୁନ୍ତୀ ମନ୍ଦିର

ପଞ୍ଚୁପାଣ୍ଡବଙ୍କ ମାତା କୁନ୍ତୀଙ୍କ ଉଦ୍ଦେଶ୍ୟରେ ଏକ ମନ୍ଦିର ନିର୍ମାଣ ହୋଇଛି ଯାହା ଗୋକର୍ଣ୍ଣେଶ୍ୱର ମନ୍ଦିର ଭାବରେ ବିଖ୍ୟାତ । ମନ୍ଦିରର ପାଦଦେଶ ଆଡକୁ ଏକ ସମତଳ ସ୍ଥାନରେ ଏହି ମନ୍ଦିର ନିର୍ମାଣ ହୋଇଛି । ଏହି ମନ୍ଦିରରେ ଶିଖର ରହିଛି ଏବଂ ଏହା କଳିଙ୍ଗର ରେଖା ଦେଉଳ ଢାଞ୍ଚାରେ ନିର୍ମିତ ହୋଇଛି । ଏହି ମନ୍ଦିର ପଶ୍ଚିମ ଆଡ଼କୁ ମୁହଁ କରି ରହିଛି ଏବଂ ମନ୍ଦିରର କ୍ଷେତ୍ରଫଳ ୩.୭ X ୩.୭ ମିଟର ଏବଂ ଗର୍ଭଗୃହର କ୍ଷେତ୍ରଫଳ ୨.୨୫ X ୧.୨୫ ମିଟର । ମନ୍ଦିରର ପାର୍ଶ୍ୱ ଦେବତା ଗଣେଶ ଦଶମ ଶତାବ୍ଦୀରେ ନିର୍ମିତ ବୋଲି କୁହାଯାଏ । କାର୍ତ୍ତିକେୟଙ୍କ ଛବି ଅଷ୍ଟମରୁ ଦଶମ ଶତାବ୍ଦୀ ଭିତରେ ହୋଇଛି । ମନ୍ଦିରର ପ୍ରବେଶ ଦ୍ୱାରରେ ନବଗ୍ରହଙ୍କ ମୂର୍ତ୍ତି ଶୋଭାପାଏ । ଗବେଷକ ପାଣିଗ୍ରାହୀ(୧୯୮୧)ଙ୍କ ଅନୁସାରେ ଏହି ମନ୍ଦିର କଳିଙ୍ଗ ମନ୍ଦିର ନିର୍ମାଣ ଶୈଳୀର ପଞ୍ଚରଥ ଶୈଳୀ ଅନୁକରଣରେ



http://www.appsgeyser.com/4368717

ନିର୍ମିତ । ମନ୍ଦିରକୁ ଅନୁଧ୍ୟାନ କଲେ ଜଣାପଡ଼େ ଏହି ମନ୍ଦିର ପରେ ପରେ ବିଭିନ୍ନ ସ୍ଥାନରେ ପୁନର୍ନିର୍ମାଣ କରାଯାଇଛି । ଅନେକ ଗବେଷକଙ୍କ ମତାନୁଯାୟୀ ଏହି ମନ୍ଦିର ପଞ୍ଚମ ଶତାବ୍ଦୀରେ ନିର୍ମିତ ବୋଲି ଜଣାଯାଏ ।

ମନ୍ଦିରରେ ତିନୋଟି ଶିଖର ରହିଛି ଯଥା ଗ୍ରହା, ଅନୁଗ୍ରହା ଏବଂ କନକା ପାଗ । ମନ୍ଦିରର ସମ୍ମୁଖ ଭାଗରେ ରହିଛି ପ୍ରବେଶ ଦ୍ୱାର ଏବଂ ପୀଢ଼ା ଦେଉଳ, ରେଖା ଦେଉଳ ଇତ୍ୟାଦି । ନବଗ୍ରହଙ୍କ ମୂର୍ତ୍ତି ପରେ ସ୍ଥାପନ କରାଯାଇଛି ଏବଂ ସେଥିରେ ବୁଦ୍ଧଙ୍କ ମୂର୍ତ୍ତିର ସମ୍ମିଶ୍ରଣ ବୌଦ୍ଧ ତନ୍ତ୍ରକୁ ଦର୍ଶାଉଛି । ମହେନ୍ଦ୍ରଗିରିରେ ଥିବା ସମସ୍ତ ମନ୍ଦିର ମଧ୍ୟରେ କେବଳ କୁନ୍ତୀ ମନ୍ଦିର ହିଁ ଶକ୍ତିପୂଜାର ସ୍ଥଳୀ । ଏହି ମନ୍ଦିରରେ ସ୍ଥାପିତ ଶିବଲିଙ୍ଗ ଗାଈର କାନ ସଦୃଶ ହୋଇଥିବାରୁ ଏହାକୁ ଗୋକର୍ଣ୍ଣେଶ୍ୱର ବୋଲି ମଧ୍ୟ କୁହାଯାଏ ।

### ୬. ବିଷ୍ଣୁ ମନ୍ଦିର

ଏହି ମନ୍ଦିର ସମ୍ପୂର୍ଣ୍ଣ ଭାବରେ ଭଗ୍ନାବସ୍ଥାରେ ରହିଛି । ନିକଟ ଅତୀତରେ ଏହାର ପୁନର୍ନିର୍ମାଣ କାର୍ଯ୍ୟ ହେଉଥିବା ବେଳେ ଏଠାରେ ବିଷ୍ଣୁ ଓ ନୀଳମାଧବଙ୍କ ଛବି ଏକ ମନ୍ଦିର ନିର୍ମାଣ କରାଯାଇ ସ୍ଥାପନ କରାଯାଇଛି । ଏହି ଅସ୍ଥାୟୀ ମନ୍ଦିରରେ ବିଷ୍ଣୁଙ୍କୁ ପୂଜା କରାଯାଉଛି । ଏହି ଭଗ୍ନ ମନ୍ଦିରର ପ୍ରାଚୀରରେ ବିଭିନ୍ନ ପ୍ରକାର ଶିଳାଲେଖମାନ ରହିଛି । ଲୋକକଥାରେ ଜଣାଯାଏ ଯେ ନାରାୟଣଙ୍କ ମନ୍ଦିରକୁ ନଷ୍ଟ କରିଦିଆ ଯାଇଥିଲା । କିଏ ଏବଂ କାହିଁକି ଏହା କରିଥିଲେ ସେ ବିଷୟରେ କୌଣସି ଲିଖିତ ତଥ୍ୟ ନାହିଁ । ମନ୍ଦିରର ଖୋଦନ କାର୍ଯ୍ୟ କରୁଥିବା ବେଳେ ଏହି ମନ୍ଦିରର ଭଗ୍ନାବଶେଷ ମିଳିଥିବା ଜଣା ପଡ଼ିଥିଲା ।

ମୂଳ ଆଲେଖ୍ୟ - ଲିଙ୍ଗରାଜ ପ୍ରସାଦ ଅମୁଲ୍ୟ ପଟ୍ଟନାୟକ

ଭାଷାନ୍ତରଣ ଓ ଉପସ୍ଥାପନା - ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ବର୍ଷା, ଖାଲି ବର୍ଷା



ମଧୁମିତା ମହାନ୍ତି (ମିତୁ)

ଶ୍ରୁତି ହସିବା ଛାଡ଼ି ଦେଇଥିଲା । ସେଇ - ସେ ଦିନ ସେ ଶେଷଥର ହସିଥିଲା - ଯେଉଁଦିନ ମୋ ହାତଧରି ପଚାରିଥିଲା, “କୁହତ, ଆମର କଣ ହେଲେ ଖୁସି ହେବ ତୁମେ - ପୁଅ ନା ଝିଅ ?”

ଠିକ୍ ତା ପରଦିନ - ଡାକ୍ତର ଦେଇଥିବା ସମୟର ଯଥେଷ୍ଟ ପୂର୍ବରୁ ବୋଉ ଆସି କହିଲା, “ବାପରେ ତାକୁ ଡାକ୍ତରଖାନା ନେବାକୁ ପଡ଼ିବ, ଏବେ !”

ବାହାରେ ଅଝଟିଆ ବର୍ଷା - ବିଜୁଳି ଘଡ଼ଘଡ଼ିର ତାଣ୍ଡବ । ସେତେବେଳେ ମୁଁ ସାଧାରଣ କିରାଣୀଟିଏ - ନୂଆ ଖୋଲିଥିବା ହାଇସ୍କୁଲରେ । ଭଲ ସାଇକେଲଟିଏ ବି ଦୁଷ୍ପ୍ରାପ୍ୟ ମୋ ପାଇଁ । କୋଉଠୁ ଗାଡ଼ିଟେ ପାଇବି ? ତାକୁ ଡାକ୍ତରଖାନା ନେବାପାଇଁ ?

ଭିତରୁ ଶ୍ରୁତିର କାନ୍ଦ ଶୁଭୁଥାଏ । ପାଗଳ ପରି ମୁଁ ଦୌଡ଼ିଲି ଅଧୀର ବର୍ଷାକୁ ଖାତିର ନ କରି । ପ୍ରତି ପାଦ ତଳେ ପକାଇବା ଆଗରୁ ଥୋକାଏ ବର୍ଷା ମୋ ବାଟ ଓଗାଳୁଥାନ୍ତି - ତଥାପି ମୁଁ ହାରି ମାନିନଥାଏ । ରାସ୍ତାରେ ଖୋଜୁଥାଏ କିଛି ଗୋଟାଏ ମିଳିଗଲେ ତାକୁ ହସପିଟାଲ୍ ନେବି । ବହୁତ ସମୟ ପରେ ବୁଢ଼ା ରିକ୍ସାବାଲାଟିଏ ମିଳିଲା । ବିଚାରି ବର୍ଷାରେ ନିଜ ଭଙ୍ଗା କୁଡ଼ିଆରେ ବିଶ୍ରାମ କରୁଥିଲା । ମୋର କଷ୍ଟ ଶୁଣି, ଶହେ ଟଙ୍କା ପାଇବା ଲୋଭରେ ସେ ବାହାରି ଆସିଲା ।

ରାତି ଦୁଇଟା ହେବ ସେତେବେଳକୁ । ଦୁଇ ଦୁଇଟା ନର୍ସିଂ

http://www.appsgeyser.com/4368717

ହୋମର କବାଟ ବାଡ଼େଇ ବାଡ଼େଇ କେହି ଶୁଣିଲେନି । ଶଙ୍କାରେ ବୋଉ ଓ ଅବସ୍ଥାରେ ନଥିବା ମୋ ଶ୍ରୁତି । ତୃତୀୟ କ୍ଲିନିକର ଝାଡୁଦାରମ୍ୟାନକୁ କେମିତି କେଜାଣି ଆମର ଡାକ ଶୁଣାଗଲା । ବାହାରେ ଘଡ଼ଘଡ଼ିର ନାଦରେ ମଧ୍ୟ ସେ ଆମ ଡାକ ଶୁଣି କବାଟ ଖୋଲି ଦେଇଥିଲା ।

ଡାକ୍ତରଙ୍କ ପରିଶ୍ରମ ପରେ ଝିଅଟିଏ ଜନ୍ମ ହୋଇଥିଲା । ହେଲେ ଜନ୍ମିତ ଶିଶୁକୁ ଦେଖିବାପରେ ଡାକ୍ତର ଘୋଷଣା କରିଦେଲେ, "ଏହି ଝିଅ ଜନ୍ମ ନ ହୋଇଥିଲେ, ଭଲ ହୋଇଥାନ୍ତା । ଏମିତିକା ଝିଅଟିଏ ଏହାର ମାନସିକ ଅଭିବୃଦ୍ଧି ହୁଏତ ନ ହୋଇପାରେ ।...."

ଡାକ୍ତରଙ୍କ କଥା ଶୁଣିବାପରେ ଶ୍ରୁତି ନିରବ ହୋଇଯାଇଥିଲା । ତା ମୁହଁରୁ ହସ ଲିଭି ଯାଇଥିଲା । କାନଫୁଲ, ହାର, ଚୁଡ଼ିରେ ସଜେଇ ହୋଇ ଦୋଳିରେ ଶୋଇଥିବା ପାଞ୍ଚବର୍ଷର ଝିଅକୁ ସେ ନିର୍ନିମେଷ ନୟନରେ ଚାହିଁ ରହିଥିଲା ।

ଆଜି ମଧ୍ୟ ଠିକ୍ ସେମିତି ବର୍ଷା । ଘର ସାମନାରେ ଆଣ୍ଠୁଏ ପାଣି ହେଲାଣି । ଶ୍ରୁତି ଜୋରରେ ଚିତ୍କାର କରି ମୋତେ ଡାକୁଥିଲା । ତା କଣ୍ଠରୁ ଖୁସି ବାରି ହେଉଥିଲା । ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା, ଦଉଡ଼ି ଯାଇଥିଲି ତା ପାଖକୁ, ହସହସ ମୁହଁରେ ସେ କହୁଥିଲା, "ଜାଣିଛ, ଝିଅ ମୋତେ ମାଆ ବୋଲି ଡାକିଲା ।"

ପାଞ୍ଚବର୍ଷ ବୟସ୍କା ଝିଅ ମୁହଁରୁ ମାଆ ଶବ୍ଦ ଶୁଣିବାପରେ ଶ୍ରୁତି ହସୁଥିଲା । ହେଲେ ତା ଆଖିରୁ ଅନବରତ ବର୍ଷା ଜଳ ଲହଡ଼ି ଭାଙ୍ଗୁଥିଲା ।

ଅଧ୍ୟାପିକା, ଯୋଡ଼ା ମହିଳା ମହାବିଦ୍ୟାଳୟ

ବନେଇକଳା, ଯୋଡ଼ା

କେନ୍ଦୁଝର, ୭୫୮୦୩୮

http://www.appsgeyser.com/4368717

# କାକଟପୁର ମଙ୍ଗଳା ମା



ଅନାମ ଚରଣ ସାହୁ



ଆମ ରାଜ୍ୟ ଓଡ଼ିଶାରେ ଦେବପୂଜା ସଂସ୍କୃତର ବୈଷମ୍ୟ ଦେଖାଯାଏ । ପ୍ରତ୍ୟେକ ନଗର ସହର ଓ ଗ୍ରାମରେ କୌଣସି ନା କୌଣସି ଦେବୀଦେବତାଙ୍କ ପୀଠ ଦେଖିବାକୁ ମିଳିଥାଏ । ଆମ ବଳିଷ୍ଠ ସଂସ୍କୃତର ମୂକସାକ୍ଷୀ ଏହି ସବୁ ମନ୍ଦିର ଓ ଦେବାଦେବୀଙ୍କ ପୀଠ । ସମ୍ଭବତଃ ଏହି ସବୁ ମନ୍ଦିର ଓ ପୀଠମାନଙ୍କ ଉପସ୍ଥିତି ହିଁ ଆମ ଜାତିକୁ ଭଗବତବିଶ୍ୱାସୀ କରି ଗଢ଼ିତୋଳିଛି । ଓଡ଼ିଶାରେ ଥିବା ଅନେକ ଶକ୍ତିପୀଠ ମାନଙ୍କ ମଧ୍ୟରେ ପ୍ରସିଦ୍ଧ ପୁରୀ ଜିଲ୍ଲା କାକଟପୁର ସ୍ଥିତ ମା ମଙ୍ଗଳାଙ୍କ ପୀଠ ଅନନ୍ୟ । ଏହି ପୀଠର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଓଡ଼ିଶାର ଘରେ ଘରେ ପରିଚିତ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟବର୍ତ୍ତୀ ହୋଇଥିବାରୁ ଏବଂ ଜଗନ୍ନାଥଙ୍କ ଅନେକ ପୂଜା ସମେତ ନବକଳେବର ସମୟରେ ମା'ଙ୍କ ଭୂମିକା ମା'ଙ୍କ ମହିମାକୁ ବହୁଗୁଣିତ କରିଥାଏ ।

### ପୀଠର ଅବସ୍ଥିତି

ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରଠାରୁ ୬୦ କିମି, କଟକଠାରୁ ୬୯ କିମି, କୋଣାର୍କଠାରୁ ୨୦ କିମି ଏବଂ ପୁରୀଠାରୁ ୫୬ କିମି ଦୂରରେ ପ୍ରବାହିତ ପୂଣ୍ୟତୋୟା ପ୍ରାଚୀ ନଦୀର ରମ୍ୟ ତଟଦେଶରେ କାକଟପୁର ଅବସ୍ଥିତ । ଏହି ସବୁ ସ୍ଥାନରୁ ଏଠାକୁ ଦୈନିକ ଅନେକ ବସ ଆସିଥାଏ । ଏବଂ ସହଜରେ ପହଞ୍ଚିହୁଏ ।

### ମନ୍ଦିରର ଇତିହାସ

ପୌରାଣିକ ଉପାଖ୍ୟାନ ଅନୁସାରେ ମା' ମଙ୍ଗଳା ତ୍ରିପୁରବିଜୟୀ ବିଶ୍ରବାନନ୍ଦନ, ଲଙ୍କାପତି ରାବଣର ଲଙ୍କାପୁରର ଅଧିଷ୍ଠାତ୍ରୀ ଦେବୀ

ରୂପରେ ପୂଜା ପାଉଥିଲେ । ରାବଣ ପ୍ରତ୍ୟହ ମା'ଙ୍କର ପୂଜାର୍ଚ୍ଚନା କର ଅତ୍ୟନ୍ତ ବଳଶାଳୀ ଓ ତ୍ରପୁରବଜୟୀ ହୋଇପାରଥିଲ । କନ୍ତୁ ତାହାର ଅତ୍ୟାଚାରରେ ତ୍ରପୁରର ସମସ୍ତ ଦେବାଦେବୀ, ମାନବ, ଯକ୍ଷ, ଗନ୍ଧର୍ବ ଆଦ ଅତଷ୍ଠ ହେବାରୁ ମା' ମଙ୍ଗଳା ଅସନ୍ତୁଷ୍ଟ ହେଲେ । ଉକ୍ତ ସମୟରେ ଦଶରଥନନ୍ଦନ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର ନଜର ପତ୍ନୀ ସୀତାଙ୍କୁ ଉଦ୍ଧାର କରବାପାଇଁ ଦେବୀଙ୍କୁ ପୂଜା ଓ ସ୍ତୁତ କଲେ । ତାଙ୍କର ପୂଜା ଓ ସ୍ତୁତରେ ସନ୍ତୁଷ୍ଟ ହୋଇ ଦେବୀ ମା' ମଙ୍ଗଳା ନଜର ଆଶୀର୍ବାଦ ରାବଣଠାରୁ ପ୍ରତ୍ୟାହାର କରନେଇ ରାମଚନ୍ଦ୍ରଙ୍କୁ ବଜୟୀ ହେବାର ଅଭୟ ଆଶୀର୍ବାଦ ପ୍ରଦାନ କରଥିଲେ । ଫଳରେ ଯୁଦ୍ଧରେ ରାମ ବଜୟୀ ହେଲେ ଓ ରାବଣ ନହତ ହେଲ ।



ମା' ମଙ୍ଗଳା ସିଂହଳରେ ଅବସ୍ଥାନ କର ପୂଜତା ହେଉଥିଲେ । ଥରେ ଦଧିବାମନ ସାହୁ ନାମକ ଜଣେ ସାଧବ ବଣିକ ସିଂହଳ (ବର୍ତ୍ତମାନର ଶ୍ରୀଲଙ୍କା) ଦ୍ୱୀପରୁ ବୋଇତରେ ମା'ଙ୍କର ଏକ ବଗ୍ରହକୁ ସାଥିରେ ଆଣି ପୂଣ୍ୟତୋୟା ପ୍ରାଚୀ ନଦୀ କୂଳରେ ଏକ ସ୍ଥାନରେ ମନ୍ଦିରଟିଏ ନର୍ମାଣ କରାଇ ପୂଜାର୍ଚ୍ଚନା କରବାକୁ ଲାଗିଲେ । ମା'ଙ୍କ ନାମାନୁସାରେ ସେହ ସ୍ଥାନର ନାମ ମଙ୍ଗଳାପୁର ହୋଇଥିଲ ।

ସମୟକ୍ରମେ ସେହ ସ୍ଥାନର ଜନବସତ ଲୋପ ପାଇଥିଲ ଏବଂ ମା'ଙ୍କ ବଗ୍ରହ ପ୍ରାଚୀ ନଦୀର ଅତଳ ଜଳରାଶିରେ ଅନେକ ଦନ ପର୍ଯ୍ୟନ୍ତ ନମଗ୍ନ ରହଲେ । ଦୀର୍ଘକାଳ ଅତକ୍ରାନ୍ତ ପରେ ଉତ୍କଳର ମହାରାଜ ବରାହକେଶରୀ ତାଙ୍କୁ ପ୍ରାଚୀ ନଦୀ ଗର୍ଭରୁ ଉଦ୍ଧାର କର ବର୍ତ୍ତମାନ ଅବସ୍ଥିତ ଏହ ଭବ୍ୟ ମନ୍ଦିରର ନର୍ମାଣ କରାଇ ଅଧିଷ୍ଠାନ କରାଇଥିଲେ । ସେହ ସମୟଠାରୁ ଆଜ ଯାଏଁ ମା ମଙ୍ଗଳା କାକଟପୁରଠାରେ ପୂଜତା ହୋଇ ଆସୁଛନ୍ତ ।



## ବେଢ଼ା ପରିକ୍ରମା

ମନ୍ଦିରର ବେଢ଼ା ପୂର୍ବ-ପଶ୍ଚିମ ଦିଗରେ ୧୭୦ ଫୁଟ ଲମ୍ବ ଓ ଉତ୍ତର-ଦକ୍ଷିଣ ଦିଗରେ ୧୩୧ ଫୁଟ ଲମ୍ବ ଅଟେ । ପ୍ରାଚୀରର ଉଚ୍ଚତା ୧୨ ଫୁଟ ଅଟେ । ମନ୍ଦିରରେ ପ୍ରବେଶ ହେତୁ ଚତୁର୍ଦିଗରେ ଚାରୋଟି ଦ୍ୱାର ରହିଛି । ପ୍ରାଚୀର ମଧ୍ୟରେ ଗୋଷଶାଳା, ଅଚନ୍ତା ପହଣ୍ଡ, ଜଗମୋହନ, ବିଶ୍ରାମଶିଳା, ସୂର୍ଯ୍ୟପୂଜା ମଣ୍ଡପ, ନାଟ୍ୟ ମଣ୍ଡପ, ଶ୍ରୀ ଜଗନ୍ନାଥ ମନ୍ଦିର, ଦେବସ୍ନାନ ମଣ୍ଡପ, ମନ୍ଦିର କାର୍ଯ୍ୟାଳୟ, ଦୀପ ଓ ଶୁଷ୍କ ଭୋଗ ଦୋକାନ ଆଦି ରହିଛି ।

## ମା'ଙ୍କ ଦୈନିକ ପୂଜାନୀତି

ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ମା'ଙ୍କର କେତେକ ନୀତି ନିର୍ଦ୍ଦିଷ୍ଟ ସମୟରେ ସମ୍ପାଦନ କରାଯାଇଥାଏ । ସେହି ନୀତି ଗୁଡ଼ିକ ହେଲା ;

ମୁଖ ପ୍ରକ୍ଷାଳନ, ମଙ୍ଗଳ ଆରତୀ, ସ୍ନାନ ଓ ପ୍ରାତଃ ବେଶ, ଅଳଙ୍କାର ଲାଗି, ଫୁଲ ଚନ୍ଦନ ଓ ମହାପ୍ରସାଦ ଲାଗି, ଆଲଟ ଚାମର ସେବା, ବଲ୍ଲଭ ଧୂପ, ସକାଳ ଧୂପ, ଦ୍ୱିପହର ଧୂପ, ଭିଅଣ୍ଡଧୂପ, ଦିବା ପହଡ଼ ନୀତି, ସନ୍ଧ୍ୟା ବେଶ, ସନ୍ଧ୍ୟା ଆଳତୀ, ଭାଗବତ ପାଠ, ରାତ୍ରୀ ଧୂପ, ବଡ଼ସିଂହାର ଧୂପ ଓ ରାତ୍ରୀ ପହଡ଼ନୀତି ।

ବି.ଦ୍ର. : ପ୍ରତ୍ୟେକ ଧୂପ ପରେ ମା'ଙ୍କର ତାମ୍ବୁଳ ଲାଗି ଓ ଅବକାଶ ସେବା ହୋଇଥାଏ ।

## ମା'ଙ୍କର ବାର୍ଷିକ ପୂଜାନୀତି

ମା'ଙ୍କ ପୀଠରେ ବର୍ଷସାରା ଅନେକ ଉତ୍ସବ ପାଳନ ହୋଇଥାଏ । ମାସ ଅନୁଯାୟୀ ସେହି ସବୁ ପୂଜାପର୍ବାଣୀର ତାଲିକା ନିମ୍ନରେ ପ୍ରଦାନ କରାଗଲା ।

ବୈଶାଖ ମାସ - ଚନ୍ଦନ ଯାତ୍ରା

ଜ୍ୟେଷ୍ଠ ମାସ - ଦେବସ୍ନାନ ପୂର୍ଣ୍ଣିମା

ଆଷାଢ଼ ମାସ - କୌଣସି ପୂଜାପର୍ବ ନାହିଁ

ଶ୍ରାବଣ ମାସ - ଚିତାଲାଗି ପର୍ବ, ଝୁଲଣ ପର୍ବ, ଗହ୍ମା ପର୍ବ

ଭାଦ୍ରବ ମାସ - ଜନ୍ମାଷ୍ଟମୀ, କାଳୀୟ ଦଳନ ଏକାଦଶୀ, ସପ୍ତପୁରୀ ଅମାବାସ୍ୟା,

ଦୁର୍ଗାଶୟନ ଅଷ୍ଟମୀ, ସୁନିଆଁ, ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା

ଆଶ୍ୱିନ ମାସ - ପାର୍ବଣ ଓ କାର୍ତ୍ତିକ ପୂର୍ଣ୍ଣିମା

ବି.ଦ୍ର. : ପାର୍ବଣ ସମୟରେ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ମା'ଙ୍କର ବିଭିନ୍ନ ବେଶ ହୋଇଥାଏ, ଯଥା ;



ପ୍ରତିପଦାଠାରୁ ଚତୁର୍ଥୀ ପର୍ଯ୍ୟନ୍ତ - ପାଦଲାଗି ବେଶ

ପଞ୍ଚମୀ - ତୀର ଲାଗି ବେଶ

ଷଷ୍ଠୀ - କାତିଖର୍ପର ବେଶ

ସପ୍ତମୀ - ସିଂହବାହିନୀ ବେଶ

ଅଷ୍ଟମୀ - ମହିଷାମର୍ଦ୍ଦିନୀ ବେଶ

ନବମୀ - ମହାସରସ୍ୱତୀ ବେଶ

କାର୍ତ୍ତିକ ମାସ - ଦୀପାବଳୀ, ଅଁଳା ନବମୀ, କାର୍ତ୍ତିକ ପୂର୍ଣ୍ଣିମା

ମାର୍ଗଶୀର ମାସ - ପ୍ରଥମାଷ୍ଟମୀ, ଘୋଡ଼ଲାଗି

ପୌଷ ମାସ - ପହିଲି ଭୋଗ

ମାଘ ମାସ - ମକର ବେଢ଼ା ପରିକ୍ରମା, ବସନ୍ତ ପଞ୍ଚମୀ, ଅଗ୍ନ୍ୟୁତ୍ସବ

ଫାଲ୍‌ଗୁନ ମାସ - ଶିବରାତ୍ରୀ, ଫଗୁ ଦଶମୀ, ଦୋଳ ଭୋଗ, ଫାଲ୍‌ଗୁନ ପୂର୍ଣ୍ଣିମା

ଚୈତ୍ର ମାସ - ମଙ୍ଗଳବାର ପାଳିଯାତ୍ରା, ନେତ୍ରୋତ୍ସବ, ପାଟୁକା ନାଚ, କାଳିକା ନାଚ, ଯମୁନା ସ୍ନାନ, ମେଳଣ ଯାତ୍ରା ଓ ମଧୁ ପାର୍ବଣ

ବି.ଦ୍ର. : ପାଳି ଯାତ୍ରାର ପଞ୍ଚମ ପାଳିକୁ ଝାମୁଯାତ୍ରା କୁହାଯାଏ । ଏହି ପଞ୍ଚମ ପାଳି ବା ଶେଷ ପାଳିଟି ପ୍ରାୟତଃ ବୈଶାଖ ମାସରେ ପଡ଼ିଥାଏ । ଯଦି ଏହି ଶେଷ ପାଳିଟି ଚୈତ୍ର ମାସରେ ପଡ଼େ ତା ହେଲେ ଏହାକୁ ବାରୁଣୀ ଯାତ୍ରା ବୋଲି କୁହାଯାଏ ।

କ୍ରମଶଃ...

କାକଟପୁର, ପୁରୀ

http://www.appsgeyser.com/4368717

# ପରିଣତ ବୟସ



ପାରମିତା ମିଶ୍ର

ନିତି ସକାଳୁ ବାରଣ୍ଡାରେ ବସି ଘର ପାଖର ଖୁଣ୍ଟା ଗଛଟିକୁ ଚାହିଁ ରହିଥାନ୍ତି ଅଶୋକ ବାବୁ । ତାଙ୍କ ଜୀବନ ଏବଂ ଏହି ଜରାଜୀର୍ଣ୍ଣ ଗଛଟି ମଧ୍ୟରେ କେତେ ଯେ ସାମଞ୍ଜସ୍ୟ । ଆଜି ଏହି ପରିଣତ ବୟସରେ ଅବସରପ୍ରାପ୍ତ କର୍ଣ୍ଣେଲ ଅଶୋକ୍ ମିତ୍ର ସମ୍ପୂର୍ଣ୍ଣ ଏକାକୀ ଏବଂ ରୋଗୀ, ଠିକ୍ ଏଇ ଗଛ ଭଳି । ସାଙ୍ଗରେ କେବଳ ତାଙ୍କ କୁକୁର ଟାଇଗର୍ ଆଉ ଚାକର ଦାମୁ । ଅଶୋକ ବାବୁ ରୁଗ୍ଣ ଗଛଟିର କ୍ଷତ ସ୍ଥାନଟିକୁ ଚାହିଁ ରହିଥିଲେ । ରୁଗ୍ଣ ହେଲେ ମଧ୍ୟ ଆଜି ବି ଟିକେ ଛାଇ ପାଇଁ ଲୋକେ ତା ତଳେ ଠିଆ ହୋଇଯାଆନ୍ତି । କିନ୍ତୁ ତା'ର କ୍ଷତ ଉପରେ କାହାର ଦୃଷ୍ଟି ପଡ଼େନି । ସମୟ ଥାଉ ଥାଉ ଉପଚାର କରିଥିଲେ ହୁଏତ ଆଜି ତା'ର ଅବସ୍ଥା ଅନ୍ୟ କିଛି ହୋଇଥାନ୍ତା । ଠିକ୍ ତା'ପରି ମୋ ଭିତରର କ୍ଷତ ବି ଅତି ଗୁରୁତର ହୋଇଗଲାଣି । ଆଉ ତା'ର ଉପଚାର କିଛି ନାହିଁ । ଏମିତି ଭାବୁ ଭାବୁ ହଠାତ୍ ଧ୍ୟାନ ଭଗ୍ନ ହେଲା ଦାମୁ କାକାର ଡାକରେ । ଚା'କପ୍‌ଟିକୁ ନିଜ ହାତକୁ ନେଇ ପୁଣି ନିଜ ଚେତନା ରାଇଜକୁ ଫେରିଗଲେ ଅଶୋକ ବାବୁ ।

ବୟସର ଅଶିଟି ବସନ୍ତ ଅତିକ୍ରମ କରିସାରିଲେଣି ସେ । ହେଲେ ସେ କେବେ ଏମିତି ଏକାକୀ ନଥିଲେ । ଦିନଥିଲା ଘର ସ୍ତ୍ରୀ ଛୁଆପିଲାଙ୍କ କୋଳାହଳରେ ଭରି ଉଠୁଥିଲା । ନିଜ ଜୀବନର ଅର୍ଦ୍ଧାଧିକ ବୟସ ସେ ଦେଶ ପାଇଁ ଦେଇଛନ୍ତି । ଅନେକ କଷ୍ଟ ସହିଛନ୍ତି । ଗୁଳି ମଧ୍ୟ ଖାଇଛନ୍ତି । ହେଲେ ହାରିବା କେବେ

ଶିଖିନାହାନ୍ତି । ଏବେ କିନ୍ତୁ ଅବସ୍ଥା ବଦଳି ଯାଇଛି, ବୟସ ଗଡ଼ିଗଲାଣି, ହେଲେ ଅଭ୍ୟାସ ଯାଇନି, ହାରିବା ସେ ଏବେ ବି ଜାଣିନାହାନ୍ତି । ଭାବିଥିଲେ ଅବସର ନେଇଯିବାପରେ ନିଜର ଜୀବନର ବାକି ସମୟ ନିଜ ପରିବାର ପାଇଁ ଉତ୍ସର୍ଗ କରିଦେଇ ଶାନ୍ତିରେ ଜୀବନ ବିତେଇବେ, ହେଲେ ଦେଶ ସେବା କରୁଥିବା ବେଳେ ଶଯ୍ୟାସାୟୀ ହୋଇ ସହଧର୍ମିଣୀ ଚାଲିଗଲେ ଆର ପାରିକୁ । ଆଉ ପୁଅ ଝିଅ ନିଜ ନିଜ ଘର ପରିବାର ଓ ଭବିଷ୍ୟତକୁ ଦୃଷ୍ଟି ଦେଇ ଦୂରେଇ ଚାଲିଗଲେ । କେତେ ଦିନ ନିଜ ପୁଅ ପାଖରେ ରହିଥିଲେ ଅବଶ୍ୟ, ହେଲେ ସମୟନିର୍ଘଣ୍ଟରେ ବନ୍ଧା ଜୀବନକୁ ନେଇ ସେ ବନ୍ଧନୀରେ ରହିବା ତାଙ୍କ ପକ୍ଷରେ ସମ୍ଭବ ହେଲାନାହିଁ, ତେଣୁ ଫେରି ଆସିଲେ ନିଜ ଗାଁକୁ । ଅବଶ୍ୟ ଏହିପରି ଏକ ନିଷ୍ପତ୍ତି ପଛରେ ଥିଲା ତାଙ୍କର ହୃଦବୋଧ, ତାଙ୍କ ପାଇଁ ଆଉ କାହା ପାଖରେ ଯେମିତି ସମୟ ନଥିଲା । ସେମାନେ ଯେତେବେଳେ ବଢୁଥିଲେ ସେତେବେଳେ ଅଶୋକ ବାବୁ ଦେଶପାଇଁ ବ୍ୟସ୍ତ ରହିଥିଲେ, ହୁଏତ ସେଇଥିପାଇଁ ସେମାନଙ୍କ ପିତାଙ୍କ ପ୍ରତି କୌଣସି ଆବେଗତା ନଥିଲା ମନରେ । ସେ ପାଲଟି ଯାଇଥିଲେ ଜଣେ ଅଲୋଡ଼ା ମଣିଷ । ଏଥିପାଇଁ ସେ କେବେ ବି କାହାକୁ ଦୋଷୀ ବୋଲି ମନେ କରିନାହାନ୍ତି । ପିଲାମାନେ ଅକାଳେ ସକାଳେ ଫୋନ କରନ୍ତି, ବେଳେ ବେଳେ ଗାଁ ଘର ଜମିବାଡ଼ି କଥା ମନେ ପଡ଼ିଲେ ଦିନେ ଦୁଇଦିନ ପାଇଁ ଆସି ପୁଣି ଫେରି ଯାଆନ୍ତି ।

ସବୁଦିନ ସକାଳର ସେଇ ଏକା ଦୃଶ୍ୟ । ଅଶୋକ ବାବୁ ଶଯ୍ୟାତ୍ୟାଗ କରି ଏଇ ବାରଣ୍ଡାରେ ବସି ସେଇମିତି ସେଇ ଗଛକୁ ଚାହିଁ ରହିଥାନ୍ତି । ତାଙ୍କର ଭାବନାକୁ କେବେ ବି ବାଧା ଦେଇନାହାନ୍ତି ଦାମୁକାକା, ସନ୍ତର୍ପଣରେ ଆସି 'ବାବୁ ପାଣି ଗରମ ହୋଇଗଲା' ବୋଲି କହିଦେଇ ଫେରି ଯାଉ ଯାଉ ପ୍ରଚଣ୍ଡ ଶବ୍ଦରେ ସେ ଥରି ଉଠିଲା ପରି ମନେ କଲେ । ବାହାର ବାରଣ୍ଡା ସାମନାରେ ଥିବା ଗଛଟା ଆମୂଳ ଉପୁଡ଼ିଯାଇ ପଡ଼ିଗଲା । ଅନେକ ବର୍ଷ ହେଲା ଏମିତି ଠିଆ ହୋଇଥିଲା । ଦେଖୁ ଦେଖୁ ଘର ସାମନାରେ ଜନଗହଳି ଲାଗିଯାଇଥିଲା । ଆହା ଚୁ ଚୁ ହେଉଥିଲେ

http://www.appsgeyser.com/4368717

କିଛି ଆଉ କିଛି କହୁଥିଲେ ଭଲ ହେଲା ପଡ଼ିଗଲା । ସେମିତରେ ବି କାହାରି କୌଣସି କାମରେ ତ ଆସୁନଥିଲା । କେତେଦିନ ଆଉ ଏମିତ ମଲାଦେହକୁ ନେଇ ଠିଆ ହୋଇଥାନ୍ତା । ଏମିତ ଅବସ୍ଥା ଯେ କୌଣସି କାମରେ ବି ଲାଗିବନି ।

ସମସ୍ତଙ୍କ ଅଗୋଚରରେ ଟାଇଗର ଜୋରରେ ଭୁକିବାକୁ ଆରମ୍ଭ କରିଦେଇଥିଲା । ଟାଇଗରର ଭୁକିବା ଶୁଣି ପଛକୁ ବୁଲି ଚାହୁଁଥିଲା ଦାମୁକାକା । ଆରାମ ଚେୟାର ଉପରେ ପଡ଼ିରହିଥିଲା ଅଶୋକ ବାବୁଙ୍କ ନିସ୍ତେଜ ଶରୀର, ତଳେ ପଡ଼ିଥିଲା ସଦ୍ୟ ଦେଇଯାଇଥିବା ଗ୍ଲାସ କପ ଏଣେତେଣେ ଭାଙ୍ଗିଭୁଙ୍ଗିଯାଇ ।

ବାଙ୍ଗାଲୋର, କର୍ଣ୍ଣାଟକ

http://www.appsgeyser.com/4368717

# ନାଟ୍ୟଭାରତୀ ଅଶ୍ୱିନୀକୁମାର



ଅଧ୍ୟାପିକା ରଞ୍ଜିତା ପାତ୍ର

୧୮୯୨ ମସିହାରେ, କଟକ ଠାରେ ଏକ ବଙ୍ଗୀୟ ସମ୍ଭ୍ରାନ୍ତ ପରିବାରରେ ଅଶ୍ୱିନୀକୁମାରଙ୍କ ଜନ୍ମ । ତାଙ୍କ ପିତାଙ୍କ ନାମ ଅକ୍ଷୟ କୁମାର ଘୋଷ ଓ ମାତାଙ୍କ ନାମ ସୁନ୍ଦରମଣି ଘୋଷ । ପିତାମହ 'ଉତ୍କଳ ଦୀପିକା'ର ସଂପାଦକ ଗୌରୀଶଙ୍କର ରାୟ, ମାମୁଁ ପ୍ରଖ୍ୟାତ ନାଟ୍ୟକାର ରାମଶଙ୍କର ରାୟ । ଅଶ୍ୱିନୀକୁମାର ଚାରି ଭଉଣୀ ଓ ଚାରି ଭାଇଙ୍କ ମଧ୍ୟରେ ଥିଲେ ଜ୍ୟେଷ୍ଠ । ତାଙ୍କର ସମସ୍ତ ଭାଇଭଉଣୀଙ୍କ ନାମ ହେଲା - ଶରତ କୁମାର, କାର୍ତ୍ତିକ କୁମାର (ପ୍ରଖ୍ୟାତ ନାଟ୍ୟକାର), ଅସିତବରନ, ସରୋଜିନୀ, କୁମୁଦିନୀ, କିରଣବାଳା ଏବଂ ହିରଣ୍ମୟୀ । ପିତା କଟକରେ ସିରସ୍ତାଦାର ଚାକିରୀରେ ନିଯୁକ୍ତି ହୋଇଥିଲେ । ତାଙ୍କର ସ୍ଥାୟୀ ଘର କଟକର ସନ୍ସାଇନ ପଡ଼ିଆ ପାଖରେ ଅବସ୍ଥିତ ଥିଲା । ମାତ୍ର ତାଙ୍କ ପୂର୍ବପୁରୁଷ ବର୍ଦ୍ଧମାନରୁ ତାଣ୍ଡୁଆ ଇଷ୍ଟେଟ୍ର ଜମିଦାରୀ ବୁଝିବାକୁ ଆସିଥିଲେ । ଅଶ୍ୱିନୀକୁମାରଙ୍କ ପରିବାର କଟକଠାରେ ବସବାସ କରୁଥିବାରୁ ତାଙ୍କର ବାଲ୍ୟଶିକ୍ଷା କଟକଠାରେ ଆରମ୍ଭ ହୋଇଥିଲା । ସ୍କୁଲ ଶିକ୍ଷା ପରେ ସଫଳତାର ସହିତ ରେଭେନ୍ସା କଲେଜରୁ ଏଫ୍. ଏ. ପାସ୍ ପରେ କଲିକତାର ବିଦ୍ୟାସାଗର କଲେଜରେ ବି.ଏ. ଶ୍ରେଣୀରେ ଯୋଗ ଦେଲେ । କିନ୍ତୁ ବାରମ୍ବାର ସ୍ୱାସ୍ଥ୍ୟହାନି ହେବାରୁ ପୁଣି ରେଭେନ୍ସା କଲେଜକୁ ଫେରି ୧୯୧୪ ମସିହାରେ ବି.ଏ. ପାସ କଲେ । ସେହି ବର୍ଷ ପିତାଙ୍କର ବିୟୋଗ ହେବାରୁ ପରିବାର

http://www.appsgeyser.com/4368717

ସମ୍ଭାଳିବାର ଦାୟିତ୍ୱ ତାଙ୍କ ଉପରେ ପଡ଼ିଲା । ଫଳରେ ସ୍ନାତକୋତ୍ତର ପାଠପଢ଼ା ଅଧାରୁ ଛାଡ଼ିବା ପାଇଁ ବାଧ୍ୟ ହେଲେ । ପରବର୍ତ୍ତୀ ସମୟରେ ଘରୋଇ ଭାବରେ, ପାଟନା ବିଶ୍ୱବିଦ୍ୟାଳୟରୁ ଗଣିତରେ ଏମ.ଏ. ପାସ କଲେ ୧୯୩୬ ମସିହାରେ ।

ପାଞ୍ଚ ଭଉଣୀ ଓ ପାଞ୍ଚ ଭାଇଙ୍କ ମଧ୍ୟରେ ଅଶ୍ୱିନୀ କୁମାର ଥିଲେ ଜ୍ୟେଷ୍ଠ, ତେଣୁ ପରିବାରର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ପଡ଼ିବା ସ୍ୱାଭାବିକ । ପରିବାର ସମ୍ଭାଳିବା ଓ ଆର୍ଥିକ ବିପର୍ଯ୍ୟୟ ମଧ୍ୟରୁ ନିଜକୁ ରକ୍ଷା କରିବାକୁ ଯାଇ ସେ ମାସିକ ଷାଠିଏ ଟଙ୍କା ବେତନରେ କଟକର ସେମିନାରୀ ସ୍କୁଲରେ ଶିକ୍ଷକ ଭାବରେ ଯୋଗ ଦେଲେ । ବର୍ଷକ ପରେ ଆସିଲେ ପ୍ୟାରୀମୋହନ ଏକାଡ଼େମୀକୁ । ନିଜର କର୍ତ୍ତବ୍ୟ ପରାୟଣତା ଓ ଛାତ୍ର ବତ୍ସଳତା ପାଇଁ ସେ ସମସ୍ତଙ୍କର ପ୍ରିୟ ଥିଲେ । ୧୯୧୬ ମସିହାରେ, କଟକର ବ୍ରଜମୋହନ ରାୟଙ୍କ କନ୍ୟା କିରଣବାଳାଙ୍କ ସହିତ ଅଶ୍ୱିନୀକୁମାରଙ୍କ ବିବାହ ସଂପନ୍ନ ହେଲା । ଅଶ୍ୱିନୀକୁମାର ଜୀବନୀ ଲେଖିଲା ବେଳେ ନିରାଶ ହେବାକୁ ପଡ଼େ । କାରଣ ଅଶ୍ୱିନୀକୁମାର କୌଣସି ଆତ୍ମଜୀବନୀ କିମ୍ବା ନିଜ ବିଷୟରେ ବିଶେଷ କିଛି ଲେଖି ଯାଇ ନାହାନ୍ତି । ନରହରି ନାୟକଙ୍କ 'ଅଶ୍ୱିନୀକୁମାର ଘୋଷ' ଓ କାର୍ତ୍ତିକ କୁମାର ଘୋଷଙ୍କ 'ଓଡ଼ିଶାର ରଙ୍ଗମଞ୍ଚ ଓ ମୋ ନାଟ ଜୀବନ' ପୁସ୍ତକ ଦୁଇଟିରୁ ତାଙ୍କ ଜୀବନୀ ସଂପର୍କରେ କିଛି ଉପାଦାନ ଦେଖିବାକୁ ମିଳିଥାଏ । ଡ଼. ଅନିତା ବେହେରା ତାଙ୍କ ଗବେଷଣା ପୁସ୍ତକ 'ଓଡ଼ିଆ ନାଟ୍ୟ ସାହିତ୍ୟରେ ସାମାଜିକ ଚେତନା ଓ ଅଶ୍ୱିନୀକୁମାର'ରେ କହିଛନ୍ତି, "ତାଙ୍କ ବ୍ୟକ୍ତିଗତ ଜୀବନର ଅଧିକାଂଶ ଦିଗ ଏଯାବତ ଅନୁଦ୍‌ଘାଟିତ, କାରଣ କୌଣସି ଗବେଷକ ତାଙ୍କ ଜୀବନୀ ଲେଖି ନାହାନ୍ତି । ତେଣୁ ତାଙ୍କର ବ୍ୟକ୍ତିଗତ ଭାବାବେଗ ସଂପର୍କରେ ସଠିକ କିଛି ଲେଖିବା ଅସମ୍ଭବ, କହିଲେ ଅତ୍ୟୁକ୍ତି ହେବ ନାହିଁ ।"(୧)

## ଅଶ୍ୱିନୀକୁମାରଙ୍କ ନାଟ୍ୟଜୀବନ:-

'ଉତ୍କଳ ଦୀପିକା'ର ସୁଯୋଗ୍ୟ ସଂପାଦକ ଗୌରୀଶଙ୍କର ରାୟ ଥିଲେ ଅଶ୍ୱିନୀକୁମାରଙ୍କ ଅଜା । ତେଣୁ ଶୈଶବ କାଳରୁ ଅଜା ଗୌରୀଶଙ୍କରଙ୍କର ପ୍ରଭାବ ତାଙ୍କ ଉପରେ ପଡ଼ିବା ସ୍ୱାଭାବିକ । ଏକଥା ନିଜେ ଅଶ୍ୱିନୀକୁମାର ସ୍ୱୀକାର କରି କହିଛନ୍ତି - "...ମନେ ପଡୁଛି ସେଦିନର କଥା - ମୁଁ ଯେତେବେଳେ ଦଶହରା ଛୁଟିଦିନ କାଳ ମୋ ଅଜା ପାଖେ ମଜଲିସରେ ବସିବସି ଯାତ୍ରା ଦେଖିବି - ରାତ୍ରି, ରାତ୍ରି ପାହିଯିବ ଆଖିର ପଲକସୁଧା ପଡ଼ିବ ନାହିଁ । ବଙ୍ଗଳା ଯାତ୍ରା ବା ନାଟକାଭିନୟ ଦେଖି ଆସିବି ଏବଂ ତାର ଛାୟା ଅବଲମ୍ବନରେ ଦୃଶ୍ୟ ଓ ସଂଳାପ ସଂଯୋଜନା କରି ନାଟକଟିଏ ଗଢ଼ି ପକାଇବି" (୨) । ଏତଦ୍ ବ୍ୟତୀତ ବଙ୍ଗୀୟ ନାଟ୍ୟକାର ଦ୍ୱିଜେନ୍ଦ୍ରଲାଲଙ୍କ ଦ୍ୱାରା ପ୍ରଭାବିତ ହୋଇ ଅଶ୍ୱିନୀକୁମାର ନାଟକ ରଚନା କରିଥିଲେ । କାରଣ ତତ୍କାଳୀନ ସମୟରେ କେତକ ବଙ୍ଗଳା ନାଟକ ବା ବଙ୍ଗଳାରୁ ଅନୂଦିତ ନାଟକ ଓ ଇଂରେଜୀ ନାଟକ ଅଭିନୀତ ହେଉଥିଲା । ନାଟ୍ୟକାରଙ୍କ ମାତୃଭାଷା ବଙ୍ଗଳା ହୋଇଥିବାରୁ ବଙ୍ଗଳା ନାଟ୍ୟକାରଙ୍କ ଦ୍ୱାରା ପ୍ରଭାବିତ ହେବା ସ୍ୱାଭାବିକ । ଛାତ୍ର ଥିବାବେଳେ ସେ ପ୍ରଥମ ନାଟକ 'ଭୀଷ୍ମ' (୧୯୧୧) ଲେଖିଥିଲେ । କଲେଜ ଡ୍ରାମାଟିକ ସୋସାଇଟି ଏହି ନାଟକକୁ ମଞ୍ଚସ୍ଥ କରିଥିଲା । ପରବର୍ତ୍ତୀ ସମୟରେ ଆଉ ଦୁଇଟି ନୂଆ ନାଟକ ଲେଖିଲେ 'ସେଓଜ' ଓ 'ସାବିତ୍ରୀ' । ୧୯୧୯ ମସିହାରେ 'ସେଓଜ' ନାଟକ ଅଭିନୀତ ହୋଇଥିଲା କଟକ ମେଡ଼ିକାଲ ଛାତ୍ରଙ୍କ ଦ୍ୱାରା । ଏହି ନାଟକର ଅଭିନୟ ଅବସରରେ ବଙ୍ଗଳାର ବନମାଳୀ ପତିଙ୍କ ସଂସ୍ପର୍ଶରେ ଅଶ୍ୱିନୀକୁମାର ଆସିଥିଲେ । ପତିଙ୍କ ମୃତ୍ୟୁ (୧୯୨୫) ପର୍ଯ୍ୟନ୍ତ ଉଭୟଙ୍କ ଘନିଷ୍ଠ ସମ୍ପର୍କ ଥିଲା । ଅଶ୍ୱିନୀକୁମାର ବହୁ ରଙ୍ଗମଞ୍ଚ ସହିତ ସଂଶ୍ଲିଷ୍ଟ ଥିଲେ । ନିଜ ଉଦ୍ୟମରେ 'ବାସନ୍ତୀ ଥିଏଟର୍ସ' ପାର୍ଟି ଗଢ଼ିଥିଲେ । ହେମନ୍ତ କୁମାର ଦାସ ତାଙ୍କ 'ଓଡ଼ିଆ ନାଟକର ବିକାଶଧାରା' (ଦ୍ୱିତୀୟ ଖଣ୍ଡ) ପୁସ୍ତକରେ ଅଶ୍ୱିନୀକୁମାରଙ୍କ ଓଡ଼ିଆ

ନାଟକ ପ୍ରତି ଥିବା ଆନ୍ତରିକତା ସମ୍ପର୍କରେ କହିବାକୁ ଯାଇ ଲେଖିଛନ୍ତି - "ଆଧୁନିକ ଓଡ଼ିଆ ନାଟ୍ୟ ସାହିତ୍ୟରେ ଅଶ୍ୱିନୀକୁମାରଙ୍କୁ ଏହି କାରଣରୁ ଏକ ସ୍ମରଣୀୟ ନାମ ବୋଲି କୁହାଯିବା ଉଚିତ ଯେ, ବିଂଶଶତାବ୍ଦୀର ଦ୍ୱିତୀୟ ଦଶକଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ସେ ନିରବଚ୍ଛିନ୍ନ ଭାବରେ ଓଡ଼ିଆ ନାଟକ ପାଇଁ ଚିନ୍ତା କରି ଯାଇଛନ୍ତି । କେତେବେଳେ ନାଟକ ଲେଖିଛନ୍ତି, କେତେବେଳେ ମଞ୍ଚ ପରିଚାଳନା ଦାୟିତ୍ୱ ଗ୍ରହଣ କରିଛନ୍ତି ତ କେତେବେଳେ ନାଟକ ନିର୍ଦ୍ଦେଶନାର ଭାର ନେଇଛନ୍ତି, ଏସବୁ କରିଛନ୍ତି ବ୍ୟକ୍ତିଗତ ସୁଖ ସ୍ୱଚ୍ଛନ୍ଦର ବଦଳରେ । ଦୀର୍ଘ ଅର୍ଦ୍ଧଶତକ ଧରି ଓଡ଼ିଶାର ମଞ୍ଚଜୀବନ ସହିତ ତାଙ୍କର ସଂପୃକ୍ତି ।" (୩) ପରବର୍ତ୍ତୀ ସମୟରେ ବନମାଳୀ ପତିଙ୍କ ମୃତ୍ୟୁ ପରେ ବାଞ୍ଛାନିଧି ମହାପାତ୍ରଙ୍କ ଠାରୁ ବଙ୍ଗଳା ଥିଏଟର୍ସ କିଣିଥିଲେ ଏବଂ ବନମାଳୀ ପତିଙ୍କ ସ୍ମୃତି ଓ ଶ୍ରଦ୍ଧା ସ୍ୱରୂପ ତାର ନାମ ରଖିଥିଲେ 'ବନମାଳୀ ଆର୍ଟ ଥିଏଟର' । ଏହି ଥିଏଟରଟି ଚାଲିଥିଲା ୧୯୩୬ ମସିହା ପର୍ଯ୍ୟନ୍ତ । ସେ ବିକ୍ରମ ଥିଏଟର ନାମରେ ଏକ ସ୍ଥାୟୀ ରଙ୍ଗମଞ୍ଚ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା ମଧ୍ୟ କରିଥିଲେ, ସେଥିପାଇଁ ଜୟପୁର ମହାରଜା ୧୦,୦୦୦ ଟଙ୍କା ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଟଙ୍କା ପାଇଲେ ନାହିଁ, କାରଣ କେହି ଜଣେ ତାଙ୍କ ନାମ କହି ମହାରଜାଙ୍କ ଠାରୁ ଟଙ୍କା ନେଇଯାଇଥିଲେ । ପରବର୍ତ୍ତୀ ସମୟରେ ପୁରୀରେ ଅର୍ଣ୍ଣପୂର୍ଣ୍ଣା (ଏ) ଗ୍ରୁପ ନାମରେ ସ୍ଥାୟୀ ରଙ୍ଗମଞ୍ଚ ପ୍ରତିଷ୍ଠା କଲେ । ଏଥିପାଇଁ ତତ୍କାଳୀନ ପୁରୀମଠ ମହନ୍ତଙ୍କ ଅବଦାନ ରହିଥିଲା । ସେ ବଡ଼ଦାଣ୍ଡ ଉପରେ ଗୋଟିଏ ତିନିମହଲା କୋଠା ଏହି ରଙ୍ଗମଞ୍ଚ ପ୍ରତିଷ୍ଠା ନିମନ୍ତେ ଛାଡ଼ି ଦେଇଥିଲେ । ଅଶ୍ୱିନୀକୁମାରଙ୍କ ବହୁ ନାଟକ ଏହା ରଙ୍ଗମଞ୍ଚରେ ଅଭିନୀତ ହୋଇଥିଲା । ଫଳରେ ଏହି ରଙ୍ଗମଞ୍ଚ ତାଙ୍କୁ ଖୁବ୍ ଲୋକପ୍ରିୟତା ଆଣି ଦେଇଥିଲା । ଏତଦ୍ ବ୍ୟତୀତ ତାଙ୍କ ନାଟକ କଲିକତାର ଷ୍ଟାର ଥିଏଟର୍ସ ଓ ମନମୋହନ ଥିଏଟର୍ସ ଦ୍ୱାରା ମଧ୍ୟ ଅଭିନୀତ ହୋଇଥିଲା । ଦୀର୍ଘ ଅର୍ଦ୍ଧଶତକ ଧରି ଓଡ଼ିଶାର ମଞ୍ଚଜୀବନ ସହିତ ତାଙ୍କର ନିବିଡ଼

http://www.appsgeyser.com/4368717

ସଂସ୍କୃତି ଓଡ଼ିଆ ନାଟକକୁ ଏକ ନୂତନ ଜୀବନ ଦେଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ ।

ସମୟକ୍ରମେ ସେ ପ୍ୟାରୀମୋହନ ଏକାଡ଼େମୀରେ ପ୍ରଧାନ ଶିକ୍ଷକ ହୋଇଥିଲେ । ୧୯୩୨ ମସିହାରେ ପ୍ୟାରୀମୋହନ ଏକାଡ଼େମୀ ପରିଚାଳନା କମିଟି ସହ ଅମେଳ ହେବାରୁ ଚାକିରୀ ସେ ଛାଡ଼ିଥିଲେ । ପରବର୍ତ୍ତୀ ସମୟରେ ସେ କଲିକତା ଆସି ହରନାଥ ହାଇସ୍କୁଲରେ ପ୍ରଧାନଶିକ୍ଷକ ରହିଲେ, ୧୯୩୬ ମସିହାରେ । ସେ କଲିକତା ଆକାଶବାଣୀରେ ଓଡ଼ିଆ ସମ୍ବାଦ ପଢୁଥିଲେ ୧୯୪୨ ମସିହାରୁ ୧୯୪୩ ମସିହା ପର୍ଯ୍ୟନ୍ତ । କଲିକତା ଆକାଶବାଣୀରୁ ପ୍ରସାରିତ ଓଡ଼ିଆ କାର୍ଯ୍ୟକ୍ରମ ପାଇଁ ଅନେକ ଏକାଙ୍କିକା ଓ ସଂକ୍ଷିପ୍ତ ଚିତ୍ର ଲେଖିଥିଲେ । କଟକରେ ଅବସ୍ଥାନ ସମୟରେ କଟକ ବେତାରକେନ୍ଦ୍ର ପାଇଁ ମଧ୍ୟ କେତେକ ବେତାର ନାଟକ ଲେଖିଥିଲେ । ଅଶ୍ୱିନୀକୁମାରଙ୍କ କର୍ମମୟ ଜୀବନର ଅବଦାନ କେବଳ ଓଡ଼ିଶା ପାଇଁ ନୁହେଁ ସମଗ୍ର ଭାରତବାସୀ ପାଇଁ ଥିଲା ଗର୍ବ ଓ ଗୌରବର ବିଷୟ । ଓଡ଼ିଆ ଭାଷାସାହିତ୍ୟ ପାଇଁ ତାଙ୍କର  ଅବଦାନ ପ୍ରଶଂସନୀୟ । ଡଃ ହେମନ୍ତ କୁମାର ଦାସ ତାଙ୍କ ପୁସ୍ତକ “ଓଡ଼ିଆ ନାଟକର ବିକାଶ ଧାରା”(ଦ୍ୱିତୀୟ ଖଣ୍ଡ)ରେ ଅଶ୍ୱିନୀକୁମାରଙ୍କ ନାଟ୍ୟସାହିତ୍ୟ ସମ୍ପର୍କରେ ମତଦେଇ ଲେଖିଛନ୍ତି - “ଆଧୁନିକ ଓଡ଼ିଆ ନାଟକର ପ୍ରଥମ ପର୍ଯ୍ୟାୟରେ ନାଟକ କ୍ଷେତ୍ରରେ ଏହି ଯେଉଁ ଅଭାବ ପରିଲକ୍ଷିତ ହେଲା, ତାହାକୁ ଦୂରକରି ସେଥିରେ ଓଡ଼ିଆ ଜାତିର ଯଥାର୍ଥ ପ୍ରାଣ ସତ୍ତାଟିର ପ୍ରତିଷ୍ଠା କରିବା ନିମନ୍ତେ ଯିଏ ପ୍ରଥମେ ଆନ୍ତରିକତା ଭାବରେ ପ୍ରଯତ୍ନ କରିଥିଲେ, ସେ ହେଉଛନ୍ତି ନାଟ୍ୟଭାରତୀ ଅଶ୍ୱିନୀକୁମାର  ଘୋଷ” (୪) ।

ସମାଜ ସଂସ୍କାର, ଜାତୀୟତାବୋଧ, ଧାର୍ମିକ ଭାବନା ତାଙ୍କ ନାଟକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ୧୯୧୫ ମସିହାରୁ ନାଟ୍ୟରଚନା ଆରମ୍ଭ କରି ୧୯୬୨ ମସିହା (ଅର୍ଥାତ୍ ମୃତ୍ୟୁ ପର୍ଯ୍ୟନ୍ତ) ଦୀର୍ଘ ଚଉସ୍ତରି ବର୍ଷ କାଳ ସେ ଓଡ଼ିଆରେ ଲେଖାଲେଖି

କରି ଓଡ଼ିଆ ସାହିତ୍ୟକୁ ପରିପୃଷ୍ଟ କରିଥିଲେ । ୧୯୬୦ ମସିହାରେ ହୁଗୁଳିସ୍ଥିତ ବାସଭବନକୁ ଆସି ଶେଷ ଜୀବନ ଅତିବାହିତ କଲେ ସେ । ୨୧-୦୫-୧୯୭୨ ମସିହା ବୁଦ୍ଧପୂର୍ଣ୍ଣିମା ଦିନ ଇହଧାମରୁ ବିଦାୟ ନେଲେ ସିନା ମାତ୍ର ସାହିତ୍ୟ ଆକାଶରେ ସେ ଚିରଦିନ ଏକ ଉଜ୍ଜ୍ୱଳିତ ତାରକା ପରି ପ୍ରତ୍ୟେକଦିନ ଝଲସି ଉଠୁଥିବେ, ଏଥିରେ ସନ୍ଦେହ ନାହିଁ ।

### ପ୍ରଶଂସା ଓ ସମ୍ମାନ

ନାଟ୍ୟଭାରତୀ ଅଶ୍ୱିନୀକୁମାର ଉପନ୍ୟାସ ଲେଖିଥିଲେ ମଧ୍ୟ ଜଣେ ନାଟ୍ୟକାର ଭାବରେ ସୁଖ୍ୟାତି ଅର୍ଜନ କରିଛନ୍ତି । ଜଣେ ବଙ୍ଗୀୟ ଓଡ଼ିଆରେ ଲେଖାଲେଖି କରି ସୁପ୍ରତିଷ୍ଠିତ ହେବା ଓ ତାଙ୍କୁ 'ନାଟ୍ୟଭାରତୀ' ଭାବରେ ସମ୍ମାନିତ ଓ ପରିଚିତ କରାଇବା ବଡ଼ କୃତଜ୍ଞତାର ବିଷୟ ।

ନାଟକ ପାଇଁ ଜଣେ ଗୃହକରୀ ଛାଡ଼ି ଦେଇପାରେ, ଜଣେ ଘରଦ୍ୱାର ବିକ୍ରୀକରି ଦରିଦ୍ର ହୋଇପାରେ । ନାଟକ ପାଇଁ ଜଣେ ବଞ୍ଚିବାର ସ୍ୱପ୍ନ ଦେଖେ । ସେହିପରି ଜଣେ ନାଟ୍ୟପ୍ରେମୀଙ୍କୁ ନାଟ୍ୟଭାରତୀ ଆଖ୍ୟା ଦିଆଯିବ ନାହିଁ ତ ଆଉ କାହାକୁ ଦିଆଯିବ ? ବାସ୍ତବରେ ଅଶ୍ୱିନୀକୁମାର ଥିଲେ ନାଟ୍ୟଦୁନିଆର ମହାରାଜା ।

ବଙ୍ଗୀୟ ଭାଷା ପ୍ରୟୋଗର ଦୋଷତ୍ରୁଟି ତାଙ୍କ ନାଟ୍ୟସାହିତ୍ୟରେ ଦେଖାଗଲେ ମଧ୍ୟ ଜଣେ ନାଟ୍ୟପ୍ରେମୀଙ୍କ ଆବେଗତା ଓ ସର୍ବସ୍ୱଦାନ ତାଙ୍କୁ ମହାନ କରି ଗଢ଼ିତୋଳିଛି ।

ସମୟସ୍ରୋତରେ ଏହି ନାଟ୍ୟପ୍ରେମୀଙ୍କୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର । ନାଟ୍ୟରତ୍ନାକର, ନାଟ୍ୟଭାରତୀ ଓ ନାଟ୍ୟସମ୍ରାଟ ଉପାଧି ଏହି ଲୋକପ୍ରିୟତାର ପ୍ରମାଣ । ଜୀବନର ଶେଷ ସମୟରେ ରୋଗ ଶଯ୍ୟାରେ ପଡ଼ିଥିବା ସମୟରେ ମଧ୍ୟ ତାଙ୍କୁ 'ମଞ୍ଜୁଶ୍ରୀ' ସମ୍ମାନରେ ସମ୍ମାନିତ କରି ଓଡ଼ିଶାବାସୀ ଗର୍ବ ଅନୁଭବ କରିଛନ୍ତି ।

http://www.appsgeyser.com/4368717

କେବଳ ଓଡ଼ିଶାରେ ନୁହେଁ କଲକତାରେ ରହୁଥିବା ଓଡ଼ିଆମାନେ 'ଉତ୍କଳ ସାହିତ୍ୟ ପରିଷଦ' ମାଧ୍ୟମରେ ୧୯୪୧ ମସିହାରେ ସମ୍ମାନସ୍ୱରୂପ ତାଙ୍କୁ 'ନାଟ୍ୟଭାରତୀ' ଉପାଧିରେ ଭୂଷିତ କରିଥିଲେ । ଆଜୀବନ ସାହିତ୍ୟ ସୃଷ୍ଟି ପାଇଁ 'ଉତ୍କଳ ସାହିତ୍ୟ ସମାଜ' ତାଙ୍କୁ 'ନାଟ୍ୟରତ୍ନାକର' ଉପାଧି ପ୍ରଦାନ କରିଥିଲା ।

ସମ୍ବଲପୁରର ଗଙ୍ଗାଧର ମେହେର କଲେଜ ତାଙ୍କୁ ସମ୍ମାନିତ କରିଥିଲା ୧୯୬୦ ମସିହାରେ ଏବଂ ତା ପରବର୍ଷ ଅର୍ଥାତ୍ ୧୯୬୧ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ତାଙ୍କୁ ସମ୍ମାନିତ କରି ଅଭିନନ୍ଦନ ଜଣାଇଥିଲା ।

ଏହିସବୁ ପ୍ରଶଂସା ଓ ସମ୍ମାନ ତାଙ୍କ ଲୋକପ୍ରିୟତାର ଜ୍ୱଳନ୍ତ ଉଦାହରଣ । ଆଜି ମଧ୍ୟ ପ୍ରତ୍ୟେକ ଓଡ଼ିଶାବାସୀ ତାଙ୍କ ପାଇଁ ଗର୍ବ କରନ୍ତି । ତାଙ୍କୁ ନିଜର ବୋଲି ଦାବି କରନ୍ତି ।

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
( ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ)

ପାଦଟୀକା:-

୧. ଡଃ ଅନୀତା ବେହେରା - ଓଡ଼ିଆ ନାଟ୍ୟସାହିତ୍ୟରେ ସାମାଜିକ ଚେତନା ଓ ଅଶ୍ୱିନୀକୁମାର, ପୃଷ୍ଠା-୧୨୬ ।

୨. ମୁଁ କାହିଁକି ଲେଖେ, ସଂପାଦନା - ବିଜୟାନନ୍ଦ ସିଂହ, କଟକ ଲେଖକ ସହଯୋଗ ସମିତି ଲିଃ., ପିଠାପୁର, କଟକ, ୧୯୮୪, ପୃଷ୍ଠା-୧୫ ।

୩. ହେମନ୍ତ କୁମାର ଦାସ - 'ଓଡ଼ିଆ ନାଟକର ବିକାଶଧାରା' (ଦ୍ୱିତୀୟ ଖଣ୍ଡ), ପୃଷ୍ଠା-୬୭ ।

୪. ତତ୍ରୈବ, ପୃଷ୍ଠା - ୮୯ ।

http://www.appsgeyser.com/4368717

# ଆଶଙ୍କା



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସକାଳ ପାଞ୍ଚଟାରେ ଦାଣ୍ଡଘରେ ଥୁଆ ହୋଇଥିବା ଫୋନଟା ବାଜି ଉଠିଲ୍ । ନଦଭର୍ ଆଖିରେ ହରବାବୁ ଶଯ୍ୟାତ୍ୟାଗ କର ଫୋନ ପାଖରେ ପହଞ୍ଚୁ ପହଞ୍ଚୁ ଫୋନ ବାଜବା ବନ୍ଦ ହୋଇଯାଇଥିଲ୍ । ଏତେ ସକାଳୁ କିଏ ଆଉ କାହିଁକି ଫୋନ୍ କରବ, ତାହା ଚନ୍ତା କର କର ହରବାବୁଙ୍କ ନଦ ଭଙ୍ଗିଗଲ୍ । ସେପାଖେ ଶେଯରେ ଶୋଇରହ ପତ୍ନୀ କମଳା କହୁଥିଲେ, "ଯାହାର ଦରକାର ଥିବ, ଆଉ ଥରେ କରବନ କ ? ଆସ ଶୋଇପଡ଼ । ଗ୍ରତ ଅଧଯାଏଁ ତ ଶୋଇନଥିଲ । ନଦ ବଟିକା ଖାଇଚ, ଆସ ଶୋଇପଡ଼ ।" କମଳାଦେବୀଙ୍କ ଏମିତ କହବା ପଛରେ ରହଛ ତାଙ୍କର ନଜର ନଦ ଭଙ୍ଗିଯିବାର ଅନଚ୍ଛା । ଜାଣିଛନ୍ତ, ବାବୁଙ୍କ ନଦ ଭଙ୍ଗିଲ୍ ମାତ୍ରେ ଗ୍ରୀ କପେ ପାଇଁ ବରିଦ କରଦେବେ । ଆଉ ଘର ସାର୍ ବୁଲ ଧଡ଼ଧାଡ଼ ଖଡ଼ଖାଡ଼ କରବେ ଯେ କାହାକୁ ଶୁଆଇ ଦେବେ ନାହିଁ । ଅବସର ଗ୍ରହଣ କରବାପରେ ବାବୁଙ୍କ ବ୍ୟବହାରରେ ଅନେକ ପରବର୍ତ୍ତନ ଆସିଛ । ଗ୍ରୀକରୀ କରୁଥିବା ବେଳେ ସଂଧ୍ୟା ଆଠଟା ନ ହେଉଣୁ ଖାଇଦେଇ ଶୋଇଯାଉଥିଲେ । ପାହାନ୍ତ ପହରୁ ଉଠି ଟ୍ରେନ୍ ଧର ଯାଉଥିଲେ କାମକୁ ପୁଣି ଫେରୁ ଫେରୁ ସଂଧ୍ୟା ହେଉଥିଲ୍ । ଖିଆପିଆରେ କୌଣସି ରୁଚନଥିଲ୍ । ଯାହା ଦେଲେ ଖାଇଦେଇ ଶୋଇଯାଉଥିଲେ । ହେଲେ ଏବେ ଏବେ ଖାଇବା ପିଇବାକୁ ନେଇ ବେଶ ସଚେତନ ହେଇଯାଇଛନ୍ତ ବାବୁ । ଦନରେ ଅନ୍ତତଃ ତନଥର ଭଲ କର ଖାଇବାକୁ ନ ଦେଲେ ଘର ସାର୍ ବୁଲ ବୁଲ ଗରଗର ହେବେ । ତା

ସାଙ୍ଗକୁ ଅନ୍ୟୁନ ପାଞ୍ଚକପ୍ ଗ୍ରୀ । ସେ ବି ଭଲ କରି ଦୁଧ ପକେଇ କଡ଼ା କରି କରିବାକୁ ପଡ଼ିବ । ସପ୍ତାହରେ ଅତି କମରେ ତିନିଦିନ ଆଇଁଷ ନ ହେଲେ ବାବୁଙ୍କ ମୁଡ୍ ଖରାପ । ବାବୁଙ୍କ ବିଷୟରେ ଚିନ୍ତା କରୁ କରୁ କମଳା ଦେବୀ କେତେବେଳେ ଶୋଇଗଲେ ଜାଣିପାରିଲେ ନାହିଁ ।

ହରିବାବୁ ସେମିତି ଦାଣ୍ଡ ବୈଠକ ଘରଟାରେ ବସି ଭାବୁଥିଲେ କିଏ ହୋଇପାରେ ? କାନ୍ଥବାଡ଼କୁ ଚାହୁଁଥିଲେ । ଚାକିରୀ କରୁଥିବା ବେଳେ ଘରଖଣ୍ଡିଏ ପାଇଁ ଅନେକ ଚେଷ୍ଟା କରିବା ସତ୍ତ୍ୱେ ସମ୍ବଳ ଆଉ ସମୟ ଅଭାବରୁ କରିପାରିନଥିଲେ । ଯା ହେଉ ଅବସର ନେବାପରେ ନିଜ ପ୍ରଚେଷ୍ଟାରେ ଦୁଇ ବଖରା ଘର ଖଣ୍ଡେ କରିଛନ୍ତି । ଦୁଇପୁଅକୁ ଯୋଗ୍ୟ କରିଛନ୍ତି । ବଡ଼ପୁଅ ଅହମଦାବାଦରେ ଚାକିରୀ କରୁଛି ଆଉ ସାନ ଅଛି ଆମେରିକାରେ । ଝିଅ ଜ୍ୱାଇଁ ମୁମ୍ବାଇରେ । ସମସ୍ତେ ନିଜ ନିଜ ଜୀବନରେ ବ୍ୟସ୍ତ, ତେଣୁ କାଁଭାଁ କିଏ କେତେବେଳେ ଘରକୁ ଆସନ୍ତି । ସମସ୍ତେ ଏକାଠି ଆଉ କେବେ ଆସିନାହାନ୍ତି । ଅନେକ ବର୍ଷ ହୋଇଗଲାଣି । ସାନପୁଅର ବାହାଘରଟା କରିଦେଲେ ବାବୁଙ୍କ ଦାୟିତ୍ୱ ମଧ୍ୟ ସରିଯିବ । ହେଲେ ସେ ଧରାଛୁଆଁ ଦେଉନି । ଆମେରିକା ଯାଇ ତିନିବର୍ଷ ହୋଇଗଲାଣି, ଫେରିବା ନାଁ ନେଉନି । ବାହାଘର କଥା କହିଲେ କହୁଛି, ଆଉ ବର୍ଷଟେ ଅପେକ୍ଷା କରିଦିଅ । ହାଇଦ୍ରାବାଦରେ ଗୋଟେ ଆପାର୍ଟମେଣ୍ଟ କିଣିଥିଲା ତା ଋଣ ଶୁଝିବାପରେ ହିଁ ଫେରିବ ବୋଲି ତା' ବୋଉକୁ କହୁଥିଲା । ଏମିତି ଚିନ୍ତା କରୁ କରୁ ହରିବାବୁ ସେଇ ବୈଠକର ସୋଫା ଉପରେ ହିଁ ଶୋଇପଡ଼ିଲେ ।

ମୁହଁ ଉପରେ ପାଣିର ଛିଟା ପଡ଼ିବାପରେ ବାବୁଙ୍କ ନିଦ ଭାଙ୍ଗିଲା । କମଳାଦେବୀ ଘର ସାରା ବୁଲି ବୁଲି ପାଣି ଛିଞ୍ଚୁଥିଲେ । ଝରକା ସେପାଖରେ ସୂର୍ଯ୍ୟଙ୍କ କିରଣ ପ୍ରଖର ଦେଖାଯାଉଥିଲା । କାନ୍ଥ ଘଣ୍ଟାକୁ ଚାହିଁଲେ, ଦିନ ଦଶଟା ବାଜିଲାଣି । ଆଜିକାଲି ଏମିତି ଅନେକ ସମୟ ଯାଏଁ ଶୋଇପଡ଼ନ୍ତି ସେ । କମଳା ଦେବୀ ମଧ୍ୟ

http://www.appsgeyser.com/4368717

ତାଙ୍କୁ ଉଠାନ୍ତି ନାହିଁ । ଉଠିଲା ମାତ୍ରେ ବାବୁଙ୍କ ଚା, ଜଳଖିଆ, ଖାନାପିନାର ଲମ୍ବା ଲିଷ୍ଟ ଜାରୀ ହୋଇଯିବ, ତେଣୁ ସେ ଯେତେ ଶୋଇଲେ ବି କମଳା ଦେବୀ କିଛି କହନ୍ତି ନାହିଁ । ବାବୁ ଉଠିଲେ ଆଉ ୱାସ୍ ବେସିନ୍ ପାଖକୁ ଯାଉ ଯାଉ ଟିଭିଟା ଲଗେଇଦେଲେ । ଟିଭି ଲାଗିଲେ କମଳା ଦେବୀ ଚିଡ଼ି ଉଠନ୍ତି । ବାବୁଙ୍କୁ କାଲେ ଆଜିକାଲି କିଛି ଶୁଣାଯାଉନି, ତେଣୁ ଟିଭିର ସାଉଣ୍ଡ ଏତେ ଜୋର ଦିଅନ୍ତି ଯେ ଏପାଖ ସେପାଖ ଦୁଇ ତିନି ଘରକୁ ଶୁଣାଯାଏ ବୋଲି କହନ୍ତି ସେମାନେ । ବାବୁଙ୍କ ଟିଭି ଲାଗିବା ପରେ କମଳା ଦେବୀ ଦଉଡ଼ିଯାଇ ସବୁ ଝରକା କବାଟ ବନ୍ଦ କରିପକାନ୍ତି । ବାବୁ ଟିଭି ଲଗାଇଲେ ସିଧା ନ୍ୟୁଜ୍ ଦେଖିବେ, ଆଉ କିଛି ଦେଖିବାକୁ ମନ ନାହିଁ । ମୁହଁ ଧୋଇଦେଉଥିବା ବେଳେ ଟିଭିରୁ ଆସୁଥିବା ଖବରକୁ ନିଘା କରିଥାନ୍ତି ସେ । ଆମେରିକାରେ ନବ ନିର୍ବାଚିତ ରାଷ୍ଟ୍ରପତି କେମିତି ସବୁ ନୂଆ ନୂଆ ନିଷ୍ପତ୍ତି ନେଉଛନ୍ତି ସେ ବିଷୟରେ କମଳା ଦେବୀଙ୍କୁ ବୁଝେଇ କହିବା ଆଜିକାଲି ବାବୁଙ୍କ ଚବିଶିଘଣ୍ଟିଆ କାମ ହୋଇଯାଇଛି । ରାଜନୀତି ବିଜ୍ଞାନର ଛାତ୍ର ଥିଲେ, ତେଣୁ ରାଜନୀତିକୁ ଭଲ ଭାବରେ ଜାଣନ୍ତି ବୋଲି ସେ କୁହନ୍ତି ।

ବାବୁ ମୁହଁ ଧୋଉଥିବା ବେଳେ କମଳାଦେବୀ ଟେବୁଲ୍ ଉପରେ ଚା କପଟିଏ ଆଉ ବିସ୍କୁଟ୍ ଡବାଟି ଥୋଇଦେଇ କହିଲେ ମୁଁ ପୂଜା କରିବାକୁ ଯାଉଛି, ମୋତେ ଜମା ଡାକିବନି । ବାବୁ ଚା କପଟିକୁ ଧରି ଟିଭି ଉପରେ ଧ୍ୟାନ ଦେଲେ, ଆଜିକାଲି ନ୍ୟୁଜ୍ ଚ୍ୟାନେଲରେ ନ୍ୟୁଜ୍ କମ ବିଜ୍ଞାପନ ବେଶୀ ଦେଖାନ୍ତି ବୋଲି କହୁଥିଲେ, ଆଉ ଏଇ ବିଜ୍ଞାପନ ଭିତରେ ଯଦି ତମେ ଖବର କିଛି ଜାଣିଦେଇ ପାରିଲ ତ ଭଲ କଥା ନହେଲେ ପୁଣି ପନ୍ଦରରୁ କୋଡ଼ିଏ ମିନିଟ୍ ବିଜ୍ଞାପନ ଦେଖିବାକୁ ବାଧ୍ୟ । ଚ୍ୟାନେଲ୍ ଏପାଖ ସେପାଖ ବୁଲେଇବା ପରେ ଗୋଟିଏ ଚ୍ୟାନେଲରେ ନ୍ୟୁଜ ଦେଖି ଅଟକି ଗଲେ । ଡବାରୁ ବିସ୍କୁଟ୍ ବାହାର କରି ଚା'ରେ ବୁଡ଼େଇ ପାଟିରେ ଦେଉଥିବା ବେଳେ ଆମେରିକାରେ ଜଣେ ଭାରତୀୟ ଯୁବ ଇଞ୍ଜିନିୟରଙ୍କୁ ହତ୍ୟା ଘଟଣା ଶୁଣି କିଛି କ୍ଷଣ ଅଟକି ଗଲେ । ଖବରଟା ଶୁଣିବାପାଇଁ ଆଉଟିକେ ଅଧିକ ସାଉଣ୍ଡ ଦେଲେ ।

http://www.appsgeyser.com/4368717

ପୂଜାଘରେ ବସିଥିବା କମଳା ଦେବୀଙ୍କ ମନକୁ ପାପ ଛୁଇଁଲା । ପୂଜାରେ ଆଉ ମନ ଲାଗିଲାନାହିଁ । ସେ ପୂଜା ଛାଡ଼ିଦେଇ ଆସି ଟିଭି ଆଗରେ ଠିଆ ହୋଇଗଲେ ।

ଆମେରିକାରେ କେହିଜଣେ ବ୍ୟକ୍ତି ଜଣେ ଭାରତୀୟ ଯୁବ ଇଞ୍ଜିନିୟରକୁ ଅତ୍ୟନ୍ତ ବିଭତ୍ସ ଭାବରେ ହତ୍ୟା କରିଛି ଆଉ ହତ୍ୟା କରୁଥିବା ସମୟରେ 'ତୁମ ଦେଶକୁ ଫେରିଯାଅ' ବୋଲି ଚିତ୍କାର କରୁଥିବା କଥା କହୁଥିଲା ବୋଲି ଖବରରେ କହୁଛି । ହେଲେ ନିହତ ଇଞ୍ଜିନିୟରଙ୍କ ପରିଚୟ ମିଳିପାରିନାହିଁ । ନିହତଙ୍କ ବୟସ ଆନୁମାନିକ ୨୮ରୁ ୩୦ ବର୍ଷ ଭିତରେ ହୋଇଥିବ ବୋଲି କହୁଛନ୍ତି । ହରିବାବୁଙ୍କ ହାତରୁ ଗ୍ଲାସକପଟା ତଳେ ପଡ଼ିଗଲା । ପାଟିରେ ଅଧାଥିବା ବିସ୍କୁଟ୍‌ଟା ବାହାରେ ପଡ଼ିଗଲା । ଟିଭିରେ ନିହତ ବ୍ୟକ୍ତିର ଛବି ମଧ୍ୟ ଦେଖାଉନାହାନ୍ତି । ଝାପସା କରିଦେଇ ଦେଖାଉଛନ୍ତି । କିନ୍ତୁ ବାରମ୍ବାର ସେ ଏକା ଖବରକୁ ଦେଖିବା ପରେ ହରିବାବୁଙ୍କ ଗଳାରେ କିଛି ଅଟକି ଗଲାପରି ଲାଗିଲା । କମଳା ଦେବୀ ପାଣି ଗିଲାସଟିଏ ଆଣି ଦେବାପରେ ସେ ସେଇତକ ପିଇଦେଇ, ବସିବା ସ୍ଥାନରୁ ଉଠି ଠିଆ ହୋଇପଡ଼ିଲେ । ବୈଠକଘରେ ଏପାଖ ସେପାଖ ହେଉଥିବା ଦେଖି କମଳାଦେବୀ କହିଲେ, "ତମେ ଚିନ୍ତା କରନି, ଆମ ଅଜୁ ର କିଛି ହେଇନଥିବ ।" ହରିବାବୁ ସାମାନ୍ୟ ଉଚ୍ଚଗଳାରେ କହୁଥିଲେ, "ମୁଁ ଅନେକ ମନା କରିଥିଲି, ସେ ଦେଶକୁ ଯାଅନି । ବର୍ଷକ ପାଇଁ ଯାଇଥିଲା ଯେ ତିନିବର୍ଷ ହେଲାଣି ଫେରିବା ନାଁ ଧରୁନି । ସବୁ ତୁମେ ମା ପୁଅ ନିଜ ଇଚ୍ଛାରେ ହିଁ କରିବ । ମୋ କଥାର ତ କୌଣସି ମୂଲ୍ୟ ନାହିଁ ନା । ଏତେ ବଡ଼ ଘଟଣାଟିଏ ହୋଇଗଲା, ଅନ୍ତତଃ ଥରେ ଫୋନଟିଏ କରି ଜଣେଇଦେଲେ ହୁଅନ୍ତା ନାହିଁ, ଯେ ମୁଁ ଭଲ ଅଛି, ମୋତେ କିଛି ହୋଇନି ? ନା, ବାବୁ ସେ ସବୁ କରିପାରିବେ ନାହିଁ । ନିଜ ମୁଣ୍ଡକୁ ହାତ ପାଇଲାଣି, ନିଜ ଗୋଡ଼ରେ ଠିଆ ହେଲେଣି ବାପା ମାଆଙ୍କୁ କିଏ ପଚାରୁଛି । ....." ହରିବାବୁ ଦୁଷ୍ଚିନ୍ତାରେ ଅନର୍ଗଳ ଗରଗର ହେଉଥାନ୍ତି । କମଳା ଦେବୀଙ୍କ ମନକୁ ବାରମ୍ବାର ପାପ ଛୁଉଁଛି ।

"ବଜୁକୁ ଟିକେ ଫୋନ କରି ପଚାରୁନ । କାଲେ ଭାଇଭାଇ କଥା ହେଇଥିବେ ।" କମଳା ଦେବୀ ପ୍ରସ୍ତାବ ଦେଲେ । ଏପାଖ ସେପାଖ ବୁଲୁଥିବା ହରିବାବୁଙ୍କ ପାଦ ଅଟକି ଗଲା । ଫୋନ ପାଖରେ ଥିବା ଫୋନ ଡାଏରୀ ବହିରୁ ବଜୁର ନମ୍ବର ବାହାର କରି ଫୋନ କଲେ । ଅନେକ ସମୟ ରିଂ ହେବାପରେ ସେ ଫୋନ ଉଠାଇଲା । ହରିବାବୁ କିଛି କହିବା ଶୁଣିବାପୂର୍ବରୁ ପଚାରିଲେ, "ତୁ ଅଜୁ ସହ କେତେବେଳେ କଥା ହେଇଥିଲୁ ?" ବଜୁ କହିଲା, "କାଲି ସନ୍ଧ୍ୟାରେ କଥା ହେଇଥିଲି । ସେ କହୁଥିଲା କୋଉ ଗୋଟେ ପାର୍ଟିକୁ ଯିବ ବୋଲି । କଣ ହେଲାକି ?" ହରିବାବୁ କେମିତି ଆଉ କହିବେ ବୁଝିପାରୁନଥିଲେ, କମଳା ଦେବୀଙ୍କୁ ଫୋନଟା ବଢ଼େଇଦେଲେ । କମଳାଦେବୀ କହିଲେ,

- "ହଇରେ ବଜୁ ତୁ ଏବେ କୋଉଠି ଅଛୁ ?"

- "ବୋଉ ମୁଁ ଟିକେ ଅଫିସିଆଲ୍ କାମରେ ଚେନ୍ନାଇ ଆସିଛି । କାଲି ଫେରିବି । କଣ ହେଇଛି ବାପା ଏମିତି କାହିଁକି ପଚାରୁଥିଲେ ?"

- "ଆମେରିକାରେ ଜଣେ ଇଞ୍ଜିନିୟରକୁ କିଏ ମାରିଦେଇଛି ରେ ବାପ । ଯେ ବାପା ଚିନ୍ତାରେ ବସିଛନ୍ତି । ତୁ ଟିକେ ଅଜୁକୁ ଫୋନ କରି ପଚାରିଦେଉନୁ ସେ ଠିକ୍ ଅଛି ତ ? ବେଶୀ ଚିନ୍ତାରେ ବସିଛନ୍ତିରେ ବାପ । ତୁ ତ ଜାଣିଛୁ ବାପାଙ୍କୁ ।"

- "ହେଲେ ବୋଉ, ମୁଁ ଗୋଟେ ମିଟିଂ ମଝିରେ ଅଛି । ହଉ, ଦେଖୁଛି । ଏବେ ତ ସେଇଠି ରାତି ହୋଇଥିବ, ସେ ଶୋଇଥିବ କି କଣ । ତଥାପି ଚେଷ୍ଟା କରୁଛି ଆଉ ଜଣାଉଛି ।"

ଫୋନ ଥୋଇଦେବାପରେ ମଧ୍ୟ କମଳା ଦେବୀଙ୍କ ମନକୁ ଥୟ ନଥିଲା । ଟିଭି ସାମନାରେ ଦମ୍ପତ୍ତି ସକାଳୁ ସେମିତି ଠିଆ ହୋଇଛନ୍ତି । ଅନେକ ସମୟ ବିତିଗଲା ପରେ ମଧ୍ୟ ବଜୁର ଫୋନ ନ ଆସିବାରୁ ହରିବାବୁ ଆହୁରି ଅଧିକ ଚିନ୍ତିତ

http://www.appsgeyser.com/4368717

ହୋଇଯାଉଥିଲେ । ଉଚ୍ଚ ରକ୍ତଚାପର ରୋଗୀ ସେ, କ୍ରୋଧକୁ ସମ୍ଭାଳି ପାରନ୍ତି ନାହିଁ । ରାଗ ଗରଗର ହୋଇ କହୁଥିଲେ, "କେତେ ଦାୟିତ୍ୱବାନ୍ ପୁଅ ଜନ୍ମକରିଛି ଦେଖ । ବାପାମାଆ ଏଠି ଚିନ୍ତାରେ ମରୁଛନ୍ତି ସେମାନଙ୍କୁ ଟିକେ ବି ଖାତିର ନାହିଁ ।" ଏଇ ସମୟରେ ଫୋନ ବାଜି ଉଠିଲା । ହରିବାବୁ ଦଉଡ଼ିଯାଇ ଫୋନ ପାଖରେ ଛିଡ଼ା ହୋଇଗଲେ କିନ୍ତୁ ଫୋନକୁ ଉଠେଇବାର ସାହାସ ଜୁଟେଇ ପାରିଲେନି । କମଳାଦେବୀ ଫୋନ ଉଠେଇଲା ବେଳକୁ ସେପାଖେ ଅନିତା ଥିଲା । ବୋଉ ପାଖରୁ ସବୁ କଥା ଶୁଣି ସେ ମଧ୍ୟ ଚିନ୍ତାରେ ପଡ଼ିଗଲା । ନିଜଘରେ ଟିଭି ଲଗେଇବାପରେ କହିଲା ସେ ଅଜୁକୁ ଫୋନ କରିବ । ସେ ବି ଫୋନ ରଖିବାର ଅନେକ ସମୟ ହୋଇଗଲା କିଛି ଖବର ଆସିଲାନି ।

ହରିବାବୁଙ୍କୁ ସେତେବେଳକୁ ମୁହଁଟା ବୁଲେଇ ଦେଲାପରି ଲାଗୁଥିଲା । ହାତପାଦ ଅବଶ ହୋଇଯାଉଥିଲା । ଅନ୍ଧାର ଦିଶିଲା ଭଳି ଲାଗୁଥିଲା । କମଳା ଦେବୀ କହୁଥିଲେ, "ତମେ ଯାଅ ଦି ଗୋଟିଏ ବିସ୍କୁଟ୍ ଖାଇଦିଅ । ସୁଗାର୍ ଅଛି, ମୁହଁ ବୁଲେଇଦେବ । ଡାକ୍ତର ମନାକରିଥିଲେ ଭୋକରେ ରହିବା ପାଇଁ ।" ହରିବାବୁ ସେଇଠି ଚେୟାର ଉପରେ ବସିପଡ଼ି କହିଲେ, "ହଁ, ବଞ୍ଚିକି ବି କଣ କରିବ ? ଏମିତି ସନ୍ତାନ ଜନ୍ମକରିଛି ଯେ ବାପାମାଆର ଚିନ୍ତା ସେମାନଙ୍କୁ ଦେଖା ଯାଉନି ।" କମଳା ଦେବୀ ମୁହଁରେ କାନିଦେଇ ସୁଁ ସୁଁ ହୋଇକାନ୍ଦିବା ଆରମ୍ଭ କରିଦେଲେ । ହରିବାବୁ ମନେ ମନେ ଭାବୁଥିଲେ, "ତୁମେ ସ୍ତ୍ରୀ ଜାତି କେତେ ଭାଗ୍ୟବତୀ, କାନ୍ଦି ଦେଇ ମନର ବୋଝକୁ କିଛି ତ ହାଲୁକା କରିଦେବ । ମୁଁ କଣ କରିବ ? କାନ୍ଦିପାରିବନି କି କୋହ ସମ୍ଭାଳି ପାରିବନି ।" ହରିବାବୁ ନିଜ ସ୍ଥାନରୁ ଉଠିଲେ ଆଉ ଟିଭି ସାମନା ଟେବୁଲ୍ ଉପରେ ଥିବା ବିସ୍କୁଟ୍ ଡବାରୁ ଦୁଇଟା ବିସ୍କୁଟ୍ ଧରି ପାଟିରେ ଦେଇଛନ୍ତି କି ନାହିଁ ପୁଣିଥରେ ଫୋନ ବାଜିଉଠିଲା । ସେ ବିସ୍କୁଟ୍ ସେମିତି ଟେବୁଲ୍ ଉପରେ ଥୋଇଦେଇ ବୈଠକକୁ ଦଉଡ଼ି ଆସିଲେ ।

http://www.appsgeyser.com/4368717

କମଳା ଦେବୀ ଫୋନ ଉଠାଇଲେ । ଆଉ ନିରବରେ ହରିବାବୁଙ୍କ ଆଡ଼କୁ ଫୋନର ରିସିଭରଟା ବଢ଼େଇଦେଲେ । ହରିବାବୁ ଆଶ୍ଚର୍ଯ୍ୟ ହୋଇ କମଳା ଦେବୀଙ୍କୁ ଚାହୁଁଥିଲେ । ମନଟା ଆଉଟୁ ପାଉଟୁ ହେଉଥିଲା । ପାଦ ଦୁଇଟା ଝିମି ଖାଇଯାଉଥିଲା । ଗୋଡ଼ ଥରୁଥିଲା । ଫୋନକୁ କାନରେ ଦେବାପରେ;

- ହାଲୋ, ଆପଣ ହରିକୃଷ୍ଣ ତ୍ରିପାଠୀ କହୁଛନ୍ତି କି ?

- ଆଁ, ହଁ କହୁଛି ।

- ଆପଣଙ୍କ ପୁଅ ଅଜୟ ତ୍ରିପାଠୀ ଆମେରିକାରେ ଥିଲେ ନା ?

"ଥିଲେ ନା ?" ଏହି ଦୁଇପଦ ଶୁଣିଦେଇ ହରିବାବୁଙ୍କୁ ଲାଗିଲା ସତେ ଯେମିତି ତାଙ୍କ ଛାତି ଭିତରଟା କିଣ କିଣ ହେଇ ଯାଉଛି । ସେ ଅସହ୍ୟ ଯନ୍ତ୍ରଣା ଅନୁଭବ କରୁଥିଲେ । ପାଟିରୁ କିଛି କଥା ବାହାରୁନଥିଲା । ନିଜକୁ ସମ୍ଭାଳି ନେଇ କହିଲେ, "ହଁ ।"

- ଆଜ୍ଞା, କାଲି ସନ୍ଧ୍ୟାରେ ସେଇଠି ଜଣେ ଇଞ୍ଜିନିୟରଙ୍କୁ ହତ୍ୟା କରାଯାଇଥିବା ଖବର ତ ଶୁଣିଥିବେ ?

- ଉଁ, ହଁ ।

- ମୁଁ ଆଜ୍ଞା ଆଜର ବାର୍ତ୍ତା ନ୍ୟୁଜ୍ ଚ୍ୟାନେଲରୁ କହୁଛି । ଆମେ ଆପଣଙ୍କର ଇଣ୍ଟରଭ୍ୟୁ ନେବାକୁ ଚାହୁଁଛୁ । ଏହି ଘଟଣା ଉପରେ ଆପଣ କିଣ କହିବାକୁ ଚାହୁଁଛନ୍ତି ?

ହରିବାବୁ କିଛି ବୁଝିପାରୁନଥିଲେ । ସେ ଜାଣି ପାରୁନଥିଲେ ଅଜୁର ବର୍ତ୍ତମାନ ଅବସ୍ଥା କିଣ ? ଆମେରିକାରେ ନିହତ ସେଇ ଇଞ୍ଜିନିୟର କିଣ ତା ହେଲେ ଅଜୁ ? ତାଙ୍କ ମୁଣ୍ଡ ଗୋଳମାଳ ହୋଇଯାଉଥିଲା । ଧିର ସ୍ୱରରେ ପଚାରିଲେ, "ଆଜ୍ଞା, ଆମ ପୁଅ ଅଜୁ ? ଆମେରିକାରେ ଯିଏ ମରିଯାଇଛି..." କମଳା ଦେବୀ ଏହା

http://www.appsgeyser.com/4368717

ଶୁଣିବାପରେ ଚେତା ହରେଇ ସେଇଠି ପଡ଼ି ଯାଇଥିଲେ । ହରିବାବୁଙ୍କୁ ଚତୁର୍ଦ୍ଦିଗ ଅନ୍ଧାର ଲାଗୁଥିଲା । ସେ ଜାଣିବାକୁ ଚାହୁଁଥିଲେ, ତାଙ୍କର ମନର ସବୁଠାରୁ ଅଧିକ ଭୟଙ୍କର ଆଶଙ୍କା କେତେଦୂର ସତ ବା ମିଛ ।

- ନା, ଆଜ୍ଞା । ସେଇଟା ତ ଜଣା ପଡ଼ିନି । ହତ୍ୟାକାଣ୍ଡ ପରି ମୁହଁରେ ଏସିଡ୍ ପକେଇ ଦେଇଛନ୍ତି, ଯେ ଚିହ୍ନି ହେଉନି । ଆପଣଙ୍କ ପୁଅ ବି ଆମେରିକାରେ ଅଛନ୍ତି, ତେଣୁ ଆମେ ଚାହୁଁଥିଲୁ ଆପଣଙ୍କ ମତାମତ ଟିଭିରେ ଦେଖାଇବୁ ବୋଲି ।

ହରିବାବୁଙ୍କ ଦୁର୍ବଳ ହୋଇଯାଉଥିବା ସ୍ନାୟୁରେ ସତେ ଯେମିତି କିଛି ଶକ୍ତି ସାଇତି ହୋଇଗଲା । ସାକ୍ଷାତକାର ପାଇଁ ମନା କରିଦେଇ ସେ ଫୋନ୍ ଥୋଇଦେଲେ । ଆଉ ବୈଠକରୁ ଉଠିଯାଇ ପାଣି ଆଣି କମଳାଙ୍କ ମୁହଁରେ ଧୋଇଦେଇ ଉଠେଇବାକୁ ଚେଷ୍ଟା କଲେ । ଚେତା ଫେରୁ ଫେରୁ "ମୋ ଅଜୁରେ..." ବୋଲି କହି କମଳା ଦେବୀ କାନ୍ଦିବା ଆରମ୍ଭ କରିଦେଉଥିଲେ, ହରିବାବୁ କହିଲେ, "ନା, ନା, କାନ୍ଦନି । ଆମ ଅଜୁକୁ କିଛି ହେଇନଥିବ ।" କମଳା ଦେବୀ ହରିବାବୁଙ୍କ ମୁହଁକୁ ପ୍ରଶ୍ନିଳ ନୟନରେ ଚାହିଁ ରହିଥିଲେ । ସେମାନେ ପୁଣିଥରେ ଟିଭି ସାମନାରେ ବସିଗଲେ । ବାରମ୍ବାର ଅନେକ ଚ୍ୟାନେଲ ବୁଲେଇ ବୁଲେଇ ଦେଖୁଥିଲେ, ସବୁଠି ସେଇ ଏକା ଖବର । ହେଲେ ମୃତକଙ୍କ ନାଁ କେହି କହୁନାହାନ୍ତି । ଦିନ ଦ୍ୱିପହର ହେବାକୁ ଆସିଲାଣି । ନା ବିଜୁ ନା ଅନିତା କେହି ବି ତ ଫୋନ କଲେନାହିଁ । କମଳା ଦେବୀ କହୁଥିଲେ, "ଆଉ ଥରେ ବିଜୁକୁ ଫୋନ୍ କରିଥାନ୍ତ କି ?" ହରିବାବୁ ବିରକ୍ତ ହୋଇ କହୁଥିଲେ, "ନା, କିଛି ଆବଶ୍ୟକ ନାହିଁ । ବାପମାଆ ବଞ୍ଚିଲେ କି ମରିଲେ ସେମାନଙ୍କୁ କିଛି ଯାଏଆସେ ନାହିଁ କମଳା । ଦେଖୁନି ସକାଳୁ ଫୋନ କରିଛି ଯେ ଏତେବେଳ ଯାଏଁ, ଉତ୍ତର ଟିଏ ଦେଲାନି କିଏ । ବାପାଟା ଚିନ୍ତାରେ ଥିବ ବୋଲି ସେମାନଙ୍କୁ ଚିନ୍ତାନାହିଁ ।"

ଏହି ସମୟରେ ପୁଣିଥରେ ଫୋନ ବାଜିଉଠିଲା । କମଳାଦେବୀ ଫୋନ ଉଠେଇବା

ବେଳକୁ ସେପାଖରୁ ଅନୀତା କହିଲା, "ଅଜୁର ଫୋନ୍ ସ୍ୱିଚ୍ ଅଫ୍ ଅଛି । ବନ୍ଦ ଅଛି । ବହୁତ ଚେଷ୍ଟା କରିଲି । ତୋ ପାଖରେ ତା'ର ଆଉ କିଛି ନମ୍ବର୍ ଅଛି କି ? ଅଫିସ ନମ୍ବର ?"

- ସେ କୋଉଠି ରହୁଛି, କଣ କରୁଛି ଆମେ କଣ ଜାଣିଛୁ କି ଲୋ ମା । ଆମେରିକାରେ ଅଛି, ଆମେରିକା ବଡ଼ ଦେଶ ସବୁ ଭଲ ବୋଲି କହୁଥିଲା । ତେଣୁ ସେ ବର୍ଷେ ପାଇଁ ଯାଇ ତିନିବର୍ଷ ହେଲା ରହିଛି ଯେ ବାପା ବିଗୁଡୁଥିଲେ, ହେଲେ ସୁଧାରୁ ମୁଁ ତାକୁ କେବେ ବାଧ କରିନଥିଲି ଫେରିଆସେ ବୋଲି କହିନଥିଲି । ଖବରଟା ଦେଖିବା ପରଠାରୁ ବାପା କିଛି ଖାଇନାହାନ୍ତି ଏଇଠି ଫୋନ୍ ପାଖରେ ବସିଛନ୍ତି ।

- ବିଜୁଭାଇ କଣ କହିଲା ?

- ତାକୁ ଫୋନ୍ କରିଥିଲି । ସିଏ ମାଡ୍ରାସ୍ ଯାଇଛି । କହିଲା ମିଟିଂରେ ଅଛି । ଆଉ ଫୋନ୍ କରିନି । ତୁ ଟିକେ ଚେଷ୍ଟା କରିଲୋ ମା । ଆମ ଦି ପ୍ରାଣୀ ବଞ୍ଚିପାରିବୁନି ।

- ତୁ ଏମିତି କଣ କହୁଛୁ ବୋଉ । ଆମ ଅଜୁକୁ କିଛି ହେବନି । ଦେଖିବୁ ଥା ଆଉ ଟିକେ ପରେ ସେ ନିଜେ ଫୋନ୍ କରି କହିବ । ଏବେ ସେଇଠି ରାତି ତ ସେ ଶୋଇପଡ଼ିଥିବ ବୋଧହୁଏ । ମୋବାଇଲ୍ ଚାର୍ଜ ସରିଯାଇଥିବ ନହେଲେ ।

ଅନିତା ଫୋନ ରଖିବାପରେ କମଳାକୁ ଟିକେ ସାହାସ ମିଳିଥିଲା । ସତେ ତ, ଏବେ ତ ସେଇଠି ରାତି । କାଳେ ଫୋନ୍ ବନ୍ଦ କରି ଶୋଇପଡ଼ିଥିବ । ସେମିତି ବି ଅନେକ ଥର ସେ କରିଛି ଆଗରୁ । ରାତିରେ ଫୋନ୍ ବନ୍ଦ କରିଦେବା ତା ଅଭ୍ୟାସ । କମଳାଦେବୀ ହରିବାବୁଙ୍କୁ ସାହାସ ଦେଇ କହୁଥିଲେ, "ଅଜୁଟା ଆମର ଅଳସୁଆଟା ନାଇଁ କି । ରାତିରେ ଶୋଇଲା ବେଳକୁ ଫୋନ୍ ବନ୍ଦ କରିଦେଇଥିବ । ଦିନସାରା ପରିଶ୍ରମ କରି କରି ଥକି ପଡୁଥିବ ନା । ଏବେ ତ ସେଇଠି ରାତି ଦେଖିବ ଥି,

http://www.appsgeyser.com/4368717

ସକାଳ ହେଉ ହେଉ ସେ ଫୋନ୍ କରିବ ।" ହରିବାବୁ ମଧ୍ୟ ନିଜ ମନକୁ ବୁଝେଇବାକୁ ଲାଗିଥିଲେ । ଟେବୁଲ୍ ଉପରେ ଥୋଇଥିବା ବିସ୍କୁଟ୍ ଦୁଇଟା ପାଟିରେ ଦେଉଥିବା ବେଳେ ଟିଭିରେ କହୁଥିଲା, ଆମେରିକାରେ ନିହତ ଭାରତୀୟ ଇଞ୍ଜିନିୟର ହାଇଦ୍ରାବାଦରୁ ଯାଇଥିଲେ ବୋଲି ଜଣାଯାଇଛି । ଏହା ଶୁଣିବା ପରେ ହରିବାବୁଙ୍କ ତଣ୍ଟି ଶୁଖିଗଲା । ସେ ନିଶ୍ଚିତ ହୋଇସାରିଥିଲେ ଯେ ଅଜୁର ନିଶ୍ଚୟ କିଛି ଅନିଷ୍ଟ ହୋଇଛି । ତଥାପି ପରିଚୟ ଜଣାପଡ଼ିନି ବୋଲି ସେ ଚିନ୍ତାରେ ବସିଥିଲେ ।

କମଳା ଦେବୀ ଗୁରି ପାଞ୍ଚକପ୍ ଚ୍ଚ ତିଆରି କରିସାରିଲେଣି । ଅପରାହ୍ନ ଗୁରିଟା ହେବାକୁ ଆସିଲାଣି । ଅନିତା ଆଉ ଦୁଇଥର ଫୋନ କରିଥିଲା । ବିଜୁର କୌଣସି ଫୋନ୍ ଆସିନି । ବାହାରେ ଅନ୍ଧାରର ଗ୍ରିଜୁତ ବଢ଼ିବାକୁ ଲାଗିଲାଣି । ହରିବାବୁଙ୍କ ମନରେ ଅନେକ ଆଶଙ୍କା ଓ ଭୟ । କମଳା ଦେବୀ କହୁଛନ୍ତି, "ତମେ ଏମିତ ଚିନ୍ତା କରିଲେ କେମିତ ହେବ ? ତମକୁ କଣ ହୋଇଗଲେ ମୁଁ କଣ କରିବି ? ଆମର ତ ଆଗକୁ ପଛକୁ ଆଉ କେହି ନାହାନ୍ତି ଏଠି ?" ହରିବାବୁ ଧୈର୍ଯ୍ୟ ଧରିବାକୁ ଚେଷ୍ଟା କରୁଥାନ୍ତି । ତେଣେ ଗ୍ରଗରେ ଗରଗର ହେଉଥାନ୍ତି । ଏହି ସମୟରେ ପୁଣିଥରେ ଫୋନ ବାଜିଲା । କମଳା ଦେବୀ ଫୋନ ଉଠେଇ ଦୁଇପଦ କଥା ନ ହେଉଣୁ କାନ୍ଦି ପକାଇଲେ, ହରିବାବୁ ଥରିଥରି ପାଦରେ ବୈଠକଘର ଦୁଆର ପାଖରେ ପହଞ୍ଚିଲା ବେଳକୁ କମଳା ଦେବୀ କାନ୍ଦି କାନ୍ଦି କହିବାର ଶୁଣୁଥିଲେ, "ତୁ ଆଉ ପଦେ କଥା କହନା । ଆମକୁ ସେ ଦେଶ ଲୋଡ଼ାନାହିଁ, ସେ ଟଙ୍କା ଲୋଡ଼ାନାହିଁ । ତୁ ଆଜି ଫେରି ଆ ।" କମଳା ଦେବୀଙ୍କ କଥା ଶୁଣିବାପରେ ହରିବାବୁଙ୍କୁ ଲାଗୁଥିଲା ସତେ ଯେମିତ ତାଙ୍କ ଭିତରେ କେହି ଜଣେ ନୂଆ ଜୀବଶକ୍ତି ଭରି ଦେଉଛି । ସେ ଯାଇ ଫୋନ ଧରିଲେ । ସେପାଖେ ଅଜୁ ଥିଲା ।

- ମୁଁ କାଲି ରାତିରୁ ଗୁରି ପାଞ୍ଚଥର ଫୋନ କରିଲି, ତମେ ଫୋନ୍ ଉଠେଇଲନି ।

http://www.appsgeyser.com/4368717




ଆଉ କେମିତ ଜଣେଇଥାନ୍ତ ? କେତେ କହିଲଣି, ଘରେ ମୋବାଇଲ୍ ଫୋନଟେ ରଖ । ମୋ କଥା ଶୁଣିବନି ।

ଫୋନଟା ଧରିଦେଇ କାନ୍ଦି ପକାଉଥିଲେ ହରିବାବୁ । ଅଜୁର କଥା ସବୁ ତାଙ୍କୁ ଜୀବଦାୟକ ଔଷଧ ଭଳି ଲାଗୁଥିଲା । ଲାଗୁଥିଲା ତାଙ୍କ ମୃତଶରୀରରେ ସତେ ଯେମିତ ଅମୃତ ଭଳି ଏହି ସବୁ ଶବ୍ଦ ଭେଦି ଯାଉଛନ୍ତି । ସେ ନିର୍ବାକ ଥିଲେ, ଅଜୁ କହି ଚାଲିଥିଲା । କମଳା ଦେବୀ ଫୋନଟା ନିଜ ହାତକୁ ନେଇ କେବଳ ଏତିକି କହୁଥିଲେ, “ମୋତେ ଆଉ କିଛି କହନା, ତୁ ଫେରି ଆ ।”


ବୈଠକର ଚେୟାର ଉପରେ ନିସ୍ତେଜ ହୋଇ ବସିପଡ଼ିଥିଲେ ହରିବାବୁ । କମଳା ଦେବୀ ତରବର ହେଉଥିଲେ କଣ ଦି’ଟା ରୋଷେଇ କରିଲେ ବାବୁଙ୍କୁ ଖାଇବାକୁ ଦେବେ ବୋଲି । ଘର ବାହାରେ କିଏ ଆସିବା ଶବ୍ଦ ଶୁଣି କବାଟ ଖୋଲିଲା ବେଳକୁ ବିଜୁ ଆସି ହାଜର । ‘ଅଜୁକୁ ଅନେକ ଚେଷ୍ଟା କଲି ଫୋନ୍ କରିବାପାଇଁ ହେଲାନି । ତମେ ଚିନ୍ତାରେ ଥିବ ବୋଲି ମିଟିଂ ଅଧାରେ ଛାଡ଼ିଦେଇ ଫ୍ଲାଇଟ୍‌ରେ ଆସିଛି । ଅଜୁର କିଛି ଖବର ମିଳିଲା ?’ ହରିବାବୁ ବିଜୁକୁ ନିଜ ଛାତିରେ ଜାବୁଡ଼ି ଧରିଥିଲେ ।

ସମ୍ପାଦକ, ଆହ୍ୱାନ ଇ-ପତ୍ରିକା
ବୀମା ନଗର, ଆମ୍ବପୁଆ ମୁଖ୍ୟ ରାସ୍ତା
ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଦୂରଭାଷ : ୯୦୪୦୯୮୫୪୬୩
ଇମେଲ୍ - aahwaan@gmail.com

# ପ୍ରାପ୍ତିସ୍ୱୀକାର




ଲେଖକ ଶ୍ରୀ ସନାତନ ମହାକୁଡ଼ଙ୍କ ଲଖିତ କବତା ସଂକଳନ "ବୋଉ" ଆମକୁ ପଠାଇଥିବାରୁ ଆମେ ତାଙ୍କୁ ଧନ୍ୟବାଦ ଦେଉଛୁ । ଏହ ସଂକଳନରେ ପ୍ରକାଶିତ ସମସ୍ତ କବତା ସେ ନଜ ମାଆ ଯାହାଙ୍କୁ ସେ ସ୍ନେହରେ 'ବୋଉ' ବୋଲ ସମ୍ବୋଧନ କରନ୍ତ, ତାଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତ ଏବଂ ଉତ୍ସର୍ଗୀକୃତ କରଛନ୍ତ । ନଜ ମାଆଙ୍କ ପାଇଁ ଏହ କବତା ସଙ୍କଳନ ପ୍ରକାଶିତ କରଥିବା ହେତୁ ସେ ଧନ୍ୟବାଦର ହକଦାର ଅଟନ୍ତ । ଏହ ସଂକଳନରେ ତରଶିଗୋଟିଏ କ୍ଷୁଦ୍ର କବତା ରହଛ । ନଜ ପରବେଶ ତଥା ସାମାଜକ ଘଟଣାବଳୀକୁ ସରଳ ଭଷାରେ ଉପସ୍ଥାପନ କରବାରେ କବ ସଫଳ ହୋଇଛନ୍ତ । ଏଥିରେ ପ୍ରକାଶିତ କବତା ସବୁ ଭନ୍ନ ଭନ୍ନ ସମୟରେ ବଭନ୍ନ ପତ୍ରପତ୍ରକାରେ ପ୍ରକାଶିତ ହୋଇଥିବା କଥା ସେ ସ୍ଥଳବଶେଷରେ ଜଣାଇଛନ୍ତ । ସଂକଳନର ସରଳତା ମାଆର ସ୍ନେହ ପର ତାଙ୍କର ଏହ ସଂକଳନରେ ପରସ୍ଫୁଟିତ ହୋଇଛ । ଏହା ସମସ୍ତଙ୍କ ମନକୁ ଅବଶ୍ୟ ଛୁଇଁବ ଏଥିରେ ଦ୍ୱମତ ନାହିଁ । ଏହା ଏକ ସଂଗ୍ରହକରବା ଯୋଗ୍ୟ କବତା ସଂକଳନ । ଯୋଗ ବଦ୍ୟାରେ ପାରଙ୍ଗମ ଏବଂ ଗବେଷକ ତଥା ବଭନ୍ନ ପତ୍ର ପତ୍ରକା ପାଇଁ ସ୍ତମ୍ଭକାର ଭବରେ କାମ କର ଆସୁଥିବା ଶ୍ରୀ ମହାକୁଡ଼ଙ୍କ ଏହା ଏକ ଅନନ୍ୟ ଉପସ୍ଥାପନା । ଆମେ ମହାଶୟଙ୍କ ଲେଖନୀର ଦୀର୍ଘଜୀବନ କାମନା କରୁଛୁ ।




ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

ଆହ୍ୱାନର ଆଗାମୀ ସଂସ୍କରଣ ଅପ୍ରେଲ ମାସରେ ପ୍ରକାଶିତ ହେବ । ନଜ ଦ୍ୱାରା ଲଖିତ କବତା ଓ କାହାଣୀ ଶୀଘ୍ର ଆମ ନକଟକୁ ପଠାନ୍ତୁ ।

ଆପଣଙ୍କ ଲଖିତ କବତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତହାସ, ରେଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦ ଆପଣ ଇ-ମେଲ୍ ଦ୍ୱାରା ଆମ ନକଟକୁ ପଠାଇ ପାରବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

ଚଠି ମାଧ୍ୟମରେ ଲେଖା ପ୍ରେରଣ କରବା ଠିକଣା


## ଡା ଜ୍ୟୋତ ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବୀମାନଗର, ୨ୟ ଗଳ, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ : ୯୦୪୦୯୮୫୪୬୩ / ୭୦୦୮୫୭୬୦୮୫

http://www.appsgeyser.com/4368717

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟିକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇ ପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବା ପରେ ସ୍କାନ୍ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ

ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର - ୨ୟ ଗଳି

ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦

ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୬୧୯୬୨୧୬୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତି ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

# ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ, ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।

http://www.appsgeyser.com/4368717

ଆହ୍ୱାନ ଇପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାରର ହ୍ୱାଟ୍ସଆପ୍ ଗ୍ରୁପର ସଦସ୍ୟ ହେବାପାଇଁ ଆମ ହ୍ୱାଟ୍ସଆପ୍ ନମ୍ବରକୁ ନିଜ ମୋବାଇଲରେ ସ୍ଥାପିତ (Save) କରନ୍ତୁ । ଏବଂ ଆମକୁ ସନ୍ଦେଶ (Message) ଦିଅନ୍ତୁ ।

ଆମ ହ୍ୱାଟ୍ସଆପ୍ ଗ୍ରୁପ୍‌ର ନମ୍ବର ହେଉଛି :

# 9040985463